


# ୪ ହଜାର କୋଟି ଇନ୍‌ସ୍ପିରେଶନାଲ

ଭୁବନେଶ୍ୱର,୧୮।୩(ସୁନିତ୍ ମିଶ୍ର)

ବିଜୁ-ନବୀନ ଇନ୍‌ସ୍ପିରେଶନାଲ ଫାଉଣ୍ଡେଶନ(ଟ୍ରଷ୍ଟ) ଗଠନ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜ୍ଞାତସାରରେ ହୋଇଛି। ଏହି କଥାକୁ ବୁଧବାର ନବୀନ ସ୍ୱୀକାର କରିଛନ୍ତି। ଫଳରେ ବିଜେଡିର ଯେଉଁ ନେତାମାନେ ଏଭଳି କିଛି ଟ୍ରଷ୍ଟ ନାହିଁ ବୋଲି ଗଣମାଧ୍ୟମ ଆଗରେ କହୁଥିଲେ, ସେମାନେ ଭୁଲ୍ ପ୍ରମାଣିତ ହୋଇଛନ୍ତି। ନବୀନ ବିଧାନସଭା ପୋର୍ଟିକୋରେ ଗଣମାଧ୍ୟମକୁ ଆସି କହିଛନ୍ତି, ବିଜୁବାବୁ ଚାରିଟେବୁଲ କାମ ପାଇଁ ଜଣାଶୁଣା ଥିଲେ। ବିଜ୍ଞାନର ପ୍ରଚାରକରିବା ପାଇଁ କଳିଙ୍ଗ ୟୁନିସ୍କୋ ପୁରସ୍କାର ଦାନ କରିଦେଇଥିଲେ। କିଛିଦିନ ତଳେ ସେ ଓ ତାଙ୍କ ଭଉଣୀ ଏବଂ ବଡ଼ ଭାଇ କଟକ ସ୍ଥିତ ବାସଭବନ 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ପାଇଁ ଦାନ କରିଥିଲେ। ତାଙ୍କର ଗୁରୁତର ବେକ ଅପରେଶନ ପୂର୍ବରୁ ପ୍ରାଥମିକ ଚିକିତ୍ସା ଲାଗି ଯେତେବେଳେ ବମ୍ବେ ଏବଂ ଦିଲ୍ଲୀ ଯାଇଥିଲେ, ସେହି ସମୟରେ ବନ୍ଧୁ ଓକିଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହ ଟ୍ରଷ୍ଟ ବାବଦରେ ଆଲୋଚନା କରିଥିଲେ। ଗୁରୁତର ବେକ ଅପରେଶନକୁ ଯିବା ପୂର୍ବରୁ ବିଜୁବାବୁଙ୍କ ନାଁରେ ଗୋଟିଏ ଟ୍ରଷ୍ଟ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟ୍ରଷ୍ଟ ଓଡ଼ିଶା ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖୋଲାଯାଇଥିଲା। ଏଥିରେ ନିଜସ୍ୱ ପାଣ୍ଠିରୁ ଗୋଟିଏ ସ୍ୱଳ୍ପ ଅର୍ଥ ୧ ଲକ୍ଷ ଟଙ୍କା ସଞ୍ଚୟ କରିଥିଲେ। ଏହାର ବିଜେଡି କିମ୍ବା ଅନ୍ୟ ଦଳୀୟ ପାଣ୍ଠି ସହ କିଛି ସମ୍ପର୍କ ନାହିଁ। ଏହି ଟ୍ରଷ୍ଟ ରାଜ୍ୟବାସୀଙ୍କ ହିତରେ କାମ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ରଙ୍କ ନାଁ ଘୋଷଣା କରାଯାଇଥିଲା। ଏହାର କିଛି ସମୟ ପୂର୍ବରୁ ବିଜେଡି ବିଧାୟକମାନଙ୍କୁ ନବୀନ ନିବାସକୁ ଡକାଯାଇଥିଲା। ଏହି ସମୟରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ନବୀନ ନିବାସରେ ପହଞ୍ଚି ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଥିଲେ। ପ୍ରଭାତ ସିଧାସଳଖ ନବୀନଙ୍କୁ କହିଥିଲେ, ସଂତୃପ୍ତ ମିଶ୍ର ବିଜେଡି ନାଁରେ ଦିଲ୍ଲୀରେ ଗୋଟିଏ ଆକାଉଣ୍ଟ ଖୋଲି ଦଳର ପ୍ରାୟ ୪ ହଜାର କୋଟି ଟଙ୍କାର ପାଣ୍ଠି ସେଥିକୁ ଡାଇଭର୍ଟ କରିଛନ୍ତି। ମାତ୍ର ପ୍ରଭାତଙ୍କ ବ୍ୟବହାର ଲାଗି ତାଙ୍କୁ ଦଳରୁ ବହିଷ୍କାର କରାଗଲା। ଏହାପରେ ଏହି ବିଷୟ କ୍ରମଶଃ ପଦାରେ ଜଣାପଡ଼ିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସଭା ନିର୍ବାଚନରେ ପ୍ରଭାତଙ୍କ ପୁତ୍ର ତଥା କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳଙ୍କ ଭୋଟ ପାଇଁ ବିଜେଡି ଚିନ୍ତାକଲା। ପ୍ରଭାତଙ୍କୁ ବୁଝାଇବା ଲାଗି ଦଳର ୧୪ ଜଣ ବିଧାୟକ କଟକ ଯାଇଥିଲେ। ବୁଝାଇବା ପାଇଁ ଯାଇଥିବା ବିଧାୟକମାନଙ୍କୁ ପରବର୍ତ୍ତୀ ସମୟରେ ନବୀନ ନିବାସରୁ ଡକରା ଆସିଲା। ନବୀନ ନିଜେ ସେଠାରେ ଉପସ୍ଥିତ ସମସ୍ତ ବିଧାୟକଙ୍କୁ ପଚାରିଥିଲେ ପ୍ରଭାତ କ'ଣ କହିଲେ। ଉପସ୍ଥିତ ବିଧାୟକମାନେ କହିଲେ, ପ୍ରଭାତବାବୁ ଦିଲ୍ଲୀରେ ଆପଣଙ୍କ ନାଁରେ ସଂତୃପ୍ତ ଟ୍ରଷ୍ଟ ଖୋଲିଥିବା କଥା ହିଁ କହିଲେ। ନବୀନ ଏହାପରେ ସଂତୃପ୍ତଙ୍କୁ ସେଠାକୁ ଡାକି ପଚାରିଲେ, ପ୍ରଭାତ ଯାହା ଦିଲ୍ଲୀରେ ଟ୍ରଷ୍ଟ ଖୋଲା ସମ୍ପର୍କରେ କହୁଛନ୍ତି, ତାହା ସତ୍ୟ କି? ପୂରା ଘଟଣାରେ ନବୀନ ଟ୍ରଷ୍ଟ ବିଷୟରେ କିଛି ଜାଣି ନ ଥିବା ସେଠାରେ ଉପସ୍ଥିତ ଥିବା ବିଧାୟକମାନେ ଅନୁଭବ କଲେ। ମାତ୍ର ରାଜ୍ୟ ସଭା ନିର୍ବାଚନର ଦିନକ ପୂର୍ବରୁ ଟ୍ରଷ୍ଟ ଗଠନର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଲା, କିନ୍ତୁ ସତ୍ୟାସତ୍ୟ ଉପରେ ସନ୍ଦେହ ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିଧାୟକ ଗୌତମବୁଦ୍ଧ ଦାସ ଟ୍ରଷ୍ଟ କଥା ମିଛ ବୋଲି କହିବା ସହ ଜାଲ୍ କାଗଜପତ୍ର ଜାଣିଶୁଣି କେତେଜଣ ବୁଲାଉଛନ୍ତି ବୋଲି ମତ ରଖିଥିଲେ। ମାତ୍ର ଟ୍ରଷ୍ଟ ଖୋଲିବା ବିଷୟକୁ ଦଳର ୨ ଜଣ ନେତା ମିଛ କହିବାର ଦିନକ ପରେ ନବୀନ ସ୍ୱୀକାର କରିଛନ୍ତି। ଏତେସବୁ ଘଟଣା ପରେ ରାଜନୈତିକ ବିଶ୍ଳେଷକମାନଙ୍କ କହିବା କଥା, ସଂତୃପ୍ତ ମିଶ୍ରଙ୍କୁ ସୁରକ୍ଷା ଦେବା ଲାଗି ନବୀନ ଏହି କଥାକୁ ସେଦିନ ଘୋଡ଼ାଇଥିଲେ। ଟ୍ରଷ୍ଟରେ ସଂତୃପ୍ତ ସମ୍ପାଦକ ଥିବାବେଳେ ପାଣ୍ଡିଆନ୍ ଅଧ୍ୟକ୍ଷ ଅଛନ୍ତି। ତେଣୁ ପାଣ୍ଡିଆନ୍‌ଙ୍କୁ ଏବେ ମଧ୍ୟ ନବୀନ ସୁରକ୍ଷା ଦେଇ ରଖିବା ସହିତ କିପରି ତାଙ୍କୁ ଓଡ଼ିଶାକୁ ଫେରାଇ ଆଣିପାରିବେ ସେକଥା ଯୋଜନା କରୁଛନ୍ତି।

ଅନ୍ୟପଟେ 'ବିଜୁ ନବୀନ ଇନ୍‌ସ୍ପିରେଶନାଲ ଟ୍ରଷ୍ଟ'ର ଆର୍ଥିକ କାରବାର ନେଇ ଇଓଡବ୍ଲ୍ୟୁ/ସିବିଆଇ/ଇଡି ଦ୍ୱାରା ତଦନ୍ତ କରିବା ପାଇଁ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏହି ଟ୍ରଷ୍ଟ ଗଠନର ଭିତିରି ଉଦ୍ଦେଶ୍ୟ ଜାଣିବା ଲାଗି ଏହି ଆକାଉଣ୍ଟର ଆର୍ଥିକ ଓ ଫରେନ୍ସିକ୍ ଅଡିଟ୍ ହେଉ ବୋଲି ପିଆଇଏଲ୍‌ରେ ଆଇନଜୀବୀ ଶିବଶଙ୍କର ମିଶ୍ର ଆବେଦନ କରିଥିବା ଜଣାପଡ଼ିଛି।


ନବୀନ ପଟ୍ଟନାୟକ

# ୟୁପି ସରକାର: ନବନିର୍ମାଣର ୯ ବର୍ଷ

## ରାଜ୍ୟରେ ଦଙ୍ଗା ନାହିଁ କି ଦ୍ୱନ୍ଦ୍ୱ ନାହିଁ: ଯୋଗୀ



ଲକ୍ଷ୍ନୌ,୧୮।୩

ଉତ୍ତର ପ୍ରଦେଶ(ୟୁପି)ରେ ଡବଲ ଇଞ୍ଜିନ୍ ସରକାର ଗତ ୯ ବର୍ଷ ମଧ୍ୟରେ ସୁରକ୍ଷା, ବିକାଶ, ନିଯୁକ୍ତି ଓ ସୁଶାସନର ନୂଆ ମଡେଲ ପ୍ରତିଷ୍ଠା କରିଥିବା ବୁଧବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଲକ୍ଷ୍ନୌସ୍ଥିତ ଲୋକ ଭବନ ଅଡିଟୋରିୟମ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ନବନିର୍ମାଣ କେ ୯ ବର୍ଷ' ଶୀର୍ଷକ ବାର୍ଷିକ ପୁସ୍ତକ ଉନ୍ମୋଚନ କରି ଯୋଗୀ ଗତ ୯ ବର୍ଷରେ ତାଙ୍କ ସରକାର ଅଭୂତପୂର୍ବ ସଫଳତା ହାସଲ କରି ରାଜ୍ୟର ଛବିରେ ଆଣିଥିବା ପରିବର୍ତ୍ତନ ଉପରେ ରେଖାଙ୍କିତ କରିଛନ୍ତି। ଏହି ଅବସରରେ ଯୋଗୀ କହିଛନ୍ତି, ଏହି ପରିବର୍ତ୍ତନ ହେଉଛି ଡବଲ ଇଞ୍ଜିନ୍ ସରକାରଙ୍କ ନୀତିଗୁଡ଼ିକର ପରିଣାମ ତଥା ଜନ ପ୍ରତିନିଧିମାନଙ୍କ ସେବା ଓ ଲୋକଙ୍କ ସମର୍ଥନର ଫଳାଫଳ।

ଏକ ଜନସଭାକୁ ସମ୍ବୋଧିତ କରି ଯୋଗୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂର ଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ମାର୍ଗଦର୍ଶନ ସହ ଡବଲ ଇଞ୍ଜିନ ସରକାରଙ୍କ ନୀତି, ଦଳୀୟ କର୍ମକର୍ତ୍ତାଙ୍କ ଅକ୍ଲାନ୍ତ ଉଦ୍ୟମ, ଜନ ପ୍ରତିନିଧିଙ୍କ ସେବା ମନୋବୃତ୍ତି ଓ ଲୋକଙ୍କ ସମର୍ଥନ ଯୋଗୁ ୨୦୧୭ରୁ ଅଦ୍ୟାବଧି ରାଜ୍ୟରେ ଏତେ ବଡ଼ ପରିବର୍ତ୍ତନ ଆସିପାରିଛି। ଏହି ପରିବର୍ତ୍ତନରୁ ୟୁପିର ୨୫ କୋଟି ନାଗରିକଙ୍କ ସାମୂହିକ ଶକ୍ତି ପ୍ରତିଫଳିତ ହୋଇଛି। ଏହା ପୂର୍ବରୁ ଉତ୍ତର ପ୍ରଦେଶର ଯୁବପିଢ଼ି ପରିଚୟ ସଙ୍କଟ ଦେଇ ଗତି କରୁଥିଲେ। ଦୁର୍ନୀତି ଓ କୁପୋଷଣ ଯୋଗୁ ନିଯୁକ୍ତି ପ୍ରଭାବିତ ହୋଇଥିଲା। ଆଇନଶୃଙ୍ଖଳା ସ୍ଥିତି ଏପରି ଥିଲା ଯେ ମହିଳା, ବ୍ୟବସାୟୀ ଓ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିଲେ। ବିକାଶର ଦୂରଦୃଷ୍ଟି ନ ଥିବାରୁ ଯୁବତୀଯୁବକମାନେ ନୈରାଶ୍ୟରେ ବୁଡି ରହିଥିଲେ। କିନ୍ତୁ ଆଜି ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ସବୁ ବର୍ଗର ଲୋକଙ୍କ ଉନ୍ନତି ଦିଗରେ ସରକାର କାର୍ଯ୍ୟରତ। ବର୍ତ୍ତମାନ ଦଙ୍ଗା ଭୟ ନାହିଁ କି କୌଣସି ପ୍ରସଙ୍ଗରେ ଦ୍ୱନ୍ଦ୍ୱ ନାହିଁ। ନବରାତ୍ରି ହେଉକି ରମ୍‌ଜାନ୍ ସବୁ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଉଛି। ସରକାର ଗତ ୯ ବର୍ଷରେ ୯ ଲକ୍ଷ ନିଯୁକ୍ତି ଦେଇଛନ୍ତି। ପୋଲିସ ବାହିନୀରେ ଅତିରିକ୍ତ ୨.୯ ଲକ୍ଷ ନିଯୁକ୍ତି ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଚୈତ୍ର ନବରାତ୍ରିର ଆରମ୍ଭ ହୋଇଥିବା ଏହି ୯ ଦିନିଆ କାର୍ଯ୍ୟକ୍ରମ ୯ଟି ବିଷୟବସ୍ତୁ ଉପରେ ଆଧାରିତ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ୟୁପିର ୨ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ କୁମାର ଖାନ୍ନା, କାରିଗରି ଶିକ୍ଷାମନ୍ତ୍ରୀ ଆଶିଷ ପଟେଲ, କୃଷିମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହି, ମତ୍ସ୍ୟମନ୍ତ୍ରୀ ସଞ୍ଜୟ ନିଷାଦ, ପଞ୍ଚାୟତିରାଜ ମନ୍ତ୍ରୀ ଓମ୍ ପ୍ରକାଶ ରାଜଭର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବେବିରାଣୀ ମୌର୍ଯ୍ୟ ଏବଂ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅନିଲ କୁମାର ପ୍ରମୁଖ ଯୋଗଦେଇଥିଲେ।

## ଦାରା ସିଂଙ୍କ ଶୁଣାଣି ମେ' ୧୩କୁ ଘୁଞ୍ଚିଲା

ନୂଆଦିଲ୍ଲୀ,୧୮।୩

୧୯୯୯ ମସିହାରେ ଅଷ୍ଟ୍ରେଲୀୟ ଧର୍ମ ପ୍ରଚାରକ ଗ୍ରାହାମ୍ ଷ୍ଟେନ୍ସଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦାରା ସିଂଙ୍କ ମାମଲାର ଶୁଣାଣି ମେ'୧୩ରେ ହେବ। ଦାରା ସିଂ ଦୋଷୀ ସାବ୍ୟସ୍ତ ହେବା ପରେ ବର୍ତ୍ତମାନ ସୁଦ୍ଧା ୨୬ ବର୍ଷ ୬ ମାସ ଜେଲଦଣ୍ଡ ଭୋଗିସାରିଲେଣି। ଏହି ସମୟରେ ତାଙ୍କର ଆଚରଣ ସ୍ୱାଭାବିକ ରହିବା ସହ ସେ ଜେଲ ଭିତରେ ଶୃଙ୍ଖଳିତ ଜୀବନ ବିତାଇଛନ୍ତି। ତେଣୁ ବର୍ତ୍ତମାନ ତାଙ୍କୁ ମୁକ୍ତ କରାଯିବା ଉଚିତ ବୋଲି ଦର୍ଶାଇ ଏକ ପିଟିଶନ ଦାଏର କରାଯାଇଥିଲାବେଳେ ଜଷ୍ଟିସ୍ ମନୋଜ ମିଶ୍ର ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରି ମେ' ୧୩ରେ ପରବର୍ତ୍ତୀ ଶୁଣାଣି କରିବାକୁ କହିଛନ୍ତି।

## ପିଏନ୍‌ବିରେ ଜମାହେଲା ଶ୍ରୀମନ୍ଦିରର ୩୯ କୋଟି ଟଙ୍କା

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ୩୯ କୋଟି ଟଙ୍କା ୧ ବର୍ଷ ପାଇଁ ପିଏନ୍‌ବିରେ ସ୍ଥାୟୀ ଜମା ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେଥିରେ କର୍ପସ ଫଣ୍ଡ ୩୬ କୋଟି ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୩ କୋଟି ସମୁଦାୟ ୩୯କୋଟି ଟଙ୍କା ଜମା କରାଯାଇଛି। ଏଥିରେ ମହାପ୍ରଭୁଙ୍କୁ ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ୧ ଲକ୍ଷରୁ ଅଧିକ ଟଙ୍କାର ଦାନ ଓ ବିଭିନ୍ନ ଜମିଜମାର ଆୟ ରହିଛି। ଅର୍ଥ ସବ୍‌କମିଟିରେ ଟେଣ୍ଡର ବିଡିଂରେ ୭.୪୦% ସୁଧ ହାରରେ ନିଷ୍ପତ୍ତି ହୋଇଛି। ୨୦୨୬-୨୭ ବର୍ଷ ପାଇଁ ପିଏନ୍‌ବି ବ୍ୟାଙ୍କରେ ଜମା କରାଯାଇଛି।

## ନିଖୋଜର ୨୧ ବର୍ଷ ପରେ ଘରକୁ ଫେରିଲେ ମହିଳା

ଆଳି,୧୮।୩ (ବନମାଳୀ ସେନାପତି)

ଦୀର୍ଘ ୨୧ ବର୍ଷ ପୂର୍ବେ ଚିକିତ୍ସା ନିମନ୍ତେ ଉତ୍ତରପ୍ରଦେଶକୁ ସ୍ୱାମୀଙ୍କ ସହ ଟ୍ରେନ୍‌ରେ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ଟ୍ରେନ୍‌ରୁ ନିଖୋଜ ହୋଇଯାଇଥିଲେ ପୁଷ୍ପଲତା ସାମଲ। ସ୍ୱାମୀ ଫକୀର ସାମଲ ଖୋଜିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଅପେକ୍ଷା କରି ପରିବାର ଲୋକ ୧୨ ବର୍ଷ ପରେ ଶୁଦ୍ଧିକ୍ରିୟା ସାରିଥିଲେ। କିନ୍ତୁ ଶୁଦ୍ଧିକ୍ରିୟାର ୯ ବର୍ଷ ପରେ ଘରକୁ ଫେରିଛନ୍ତି ପୁଷ୍ପଲତା। ପୁଷ୍ପଲତା ପରିବାର ଲୋକଙ୍କୁ ଠିକ୍ ଭାବେ ଚିହ୍ନି ପାରୁ ନ ଥିଲେ ମଧ୍ୟ ଖୁସିର ଲହରି ଖେଳିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମରେ। ଗ୍ରାମର ଫକୀରଙ୍କ ସ୍ତ୍ରୀ ପୁଷ୍ପଲତା(୬୦) ମାନସିକ ବିକୃତ ଥିଲେ। ଫକୀର ଉତ୍ତରପ୍ରଦେଶରେ କାମ କରୁଥିବାରୁ ସେଠାରେ ସ୍ତ୍ରୀଙ୍କର ଚିକିତ୍ସା କରାଇବା ନିମନ୍ତେ ତାଙ୍କୁ ଘରୁ ନେଇଯାଇଥିଲେ। ପୁଷ୍ପଲତା ଦୁଇ ଝିଅଙ୍କୁ ଘରେ ଛାଡି ୪ ବର୍ଷର ଝିଅକୁ ନେଇ ସ୍ୱାମୀଙ୍କ ସହ ଟ୍ରେନ୍‌ରେ ଯାଇଥିଲେ। ମାତ୍ର ଯିବାବେଳେ ଫକୀର ଶୋଇ ପଡ଼ିଥିବା ବେଳେ ପୁଷ୍ପଲତା ଝିଅକୁ ଟ୍ରେନ୍‌ରେ ଶୋଇ କେଉଁଆଡେ ପଳାଇ ଯାଇଥିଲେ। ଫକୀର ନିଦରୁ ଉଠିବା ପରେ ଝିଅକୁ ପାଇଥିବା ବେଳେ ସ୍ତ୍ରୀଙ୍କର ସନ୍ଧାନ ପାଇ ନ ଥିଲେ। ସେ ଟ୍ରେନ୍‌ରୁ ଓହ୍ଲାଇ ସେଠାରେ ଖୋଜାଖୋଜି କରିବା ସହ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ନିଜ ଘରକୁ ଫେରି ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ହେବାର ୧୨ ବର୍ଷ ପରେ ଶୁଦ୍ଧିକ୍ରିୟା କର୍ମ କରାଯାଇଥିଲା। ମୁମ୍ବାଇର ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁଷ୍ପଲତାଙ୍କୁ ୨୦୨୫ ଡିସେମ୍ବରରେ ଉଦ୍ଧାର କରିବା ସହ ଚିକିତ୍ସା କରାଇଥିଲେ। ସେ ସୁସ୍ଥ ହୋଇ ନିଜ ପରିବାର ଠିକଣା ଦେବା ପରେ ଅନୁଷ୍ଠାନର ସଦସ୍ୟମାନେ ମାନପୁରରେ ପହଞ୍ଚି ଘରେ ଛାଡିଥିଲେ।


ସ୍ୱାମୀଙ୍କ ସହ ପୁଷ୍ପଲତା।

## ସାଙ୍ଗଠନିକ ପଦ ବାଣ୍ଟିଲା ଭାଜପା

ଭୁବନେଶ୍ୱର,୧୮।୩(ସୁନିତ୍ ମିଶ୍ର)

ରାଜ୍ୟ ଭାଜପା ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଦଳର ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ ଅନୁସୂଚିତ ଜାତି ବିଭାଗର ବିଭିନ୍ନ ପଦାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ଯୁବମୋର୍ଚ୍ଚା ପକ୍ଷରୁ ପ୍ରକାଶିତ ପଦାଧିକାରୀ ତାଲିକାରେ ୭ ଉପସଭାପତି, ୩ ସାଧାରଣ ସମ୍ପାଦକ, ୮ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ ଏବଂ ଜଣଙ୍କୁ ସହକୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସେହିପରି କାର୍ଯ୍ୟାଳୟ ସମ୍ପାଦକ ସେଲ୍ ଇନଚାର୍ଜ, ୩ ମିଡିଆ ସଂଯୋଜକ, ୨ ଆଇଟି ସଂଯୋଜକ, ଜଣଙ୍କୁ ସାମାଜିକ ଗଣମାଧ୍ୟମ ସଂଯୋଜକ ଏବଂ ୪ଜଣଙ୍କୁ ସାମାଜିକ ଗଣମାଧ୍ୟମର ସହସଂଯୋଜକ ଭାବେ ଦାୟିତ୍ୱ ମିଳିଛି। ଏହାସହ ୧୯ଜଣ ବିଭିନ୍ନ ବିଭାଗ ପାଇଁ ରାଜ୍ୟ ସଂଯୋଜକ ଭାବେ ଦାୟିତ୍ୱ ପାଇଛନ୍ତି। ସେହିପରି ୨୩ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ୨୦ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୨୬ ଜିଲା ସଭାପତିଙ୍କୁ ଦାୟିତ୍ୱ ମିଳିଛି। ମହିଳା ମୋର୍ଚ୍ଚାରେ ୫ ଉପସଭାନେତ୍ରୀ, ୨ ସଧାରଣ ସମ୍ପାଦିକା, ୮ ସମ୍ପାଦିକା, ଜଣଙ୍କୁ କୋଷାଧ୍ୟକ୍ଷ, ଜଣଙ୍କୁ ସହକୋଷାଧ୍ୟକ୍ଷ, ୨ ମିଡିଆ ସଂଯୋଜକ ଏବଂ ୨ ଜଣଙ୍କୁ ସାମାଜିକ ଗଣମାଧ୍ୟମ ସହସଂଯୋଜିକ ଭାବେ ଦାୟିତ୍ୱ ପାଇଛନ୍ତି। ୧୧ ଜଣ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମହିଳା ମୋର୍ଚ୍ଚାରେ ନିଯୁକ୍ତ ହୋଇଛନ୍ତି।

## କ୍ରସ୍ ଭୋଟିଂ: ଦେବୀଙ୍କ ବାସଭବନ ଘେରିଲା ବିଜେଡି

ଭୁବନେଶ୍ୱର, ୧୮।୩ (ସୁନିତ୍ ମିଶ୍ର)



■ ବିନା ଶଙ୍ଖ ଚିହ୍ନରେ ଜିତିକି ଦେଖାନ୍ତୁ, ତା'ପରେ ଜଣାପଡ଼ିବ: ଈପ୍ସିତା

■ ବିଜେଡିକୁ ଧୀରେ ଧୀରେ କଂଗ୍ରେସ ଗ୍ରାସକଲାଣି: ଦେବୀ

ରାଜ୍ୟ ସଭାରେ କ୍ରସ୍ ଭୋଟିଂ କରିଥିବା ବାଙ୍କୀ ବିଜେଡି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସରକାରୀ ବାସଭବନ ବାହାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରବଳ ପ୍ରତିବାଦ କରାଯାଇଛି। ତୁରନ୍ତ ଦଳ ଏବଂ ବିଧାୟକ ପଦରୁ ଇସ୍ତଫା ଦେବାକୁ ବିଜେଡି ଏହି ଅବସରରେ ଦାବି କରିଛି। ଏହାସହ ଦେବୀରଞ୍ଜନଙ୍କ ପିତା ପ୍ରଭାତ ତ୍ରିପାଠୀଙ୍କ ଚିଟ୍‌ଫଣ୍ଡ ଲିଙ୍କ୍ ନେଇ ମଧ୍ୟ ଯୁବ ଓ ଛାତ୍ର ନେତାମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ଏହାସହ ଦେବୀ ଏବଂ ପ୍ରଭାତଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଦେବୀଙ୍କ ବାସଭବନ ପାଖରେ ପହଞ୍ଚିବା ବେଳକୁ ପୋଲିସ ଯୁବ ଓ ଛାତ୍ର ନେତାମାନଙ୍କୁ ସେଠାରେ ଅଟକାଇଥିଲା। ମାତ୍ର ବିଜୁ ଯୁବ ଓ ଛାତ୍ର ନେତାମାନେ ସେଠାକୁ ଧସେଇ ପଶିବା ପାଇଁ ଉଦ୍ୟମ କରିଥିଲେ। ଅପରପଟେ ଦେବୀଙ୍କ ସମର୍ଥକମାନେ ତାଙ୍କ ବାସଭବନ ସମ୍ମୁଖରେ ଠିଆହୋଇ ପାଲଟା ବିଜେଡି ବର୍ତ୍ତମାନ ପାଣ୍ଡିଆନ୍‌ଙ୍କ କବ୍‌ଜାକୁ ଚାଲିଯାଇଥିବା ଅଭିଯୋଗ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷ ପରସ୍ପର ପ୍ରତି ଆକ୍ଷେପ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ କହିଛନ୍ତି, ଦେବୀରଞ୍ଜନଙ୍କୁ ବିଜେଡି ୨ ଥର ଛାତ୍ର ସଭାପତି କରିବା ସହ ୨ ଥର ବିଧାୟକ ହେବାର ସୁଯୋଗ ଦେଇଛି। ସାମାଜିକ ପ୍ରତିଷ୍ଠା ନେଇ ମଧ୍ୟ ତାଙ୍କ ରାଜନୈତିକ ଭବିଷ୍ୟତ କଥା ମଧ୍ୟ ନବୀନ ପଟ୍ଟନାୟକ ଦେଖିଥିଲେ। ନବୀନଙ୍କ ସହିତ ସକାଳ ଜଳଖିଆ ଏବଂ ମଧ୍ୟାହ୍ନଭୋଜନ କରି ପିଠିରେ ଛୁରା ଭୁସିବା ବେଇମାନର ପରିଚୟ। ବାଙ୍କୀ ନିର୍ବାଚନମଣ୍ଡଳୀ ଲୋକଙ୍କୁ ବିନା ଅନୁମତିରେ ୧୫ କୋଟି ଟଙ୍କାରେ ଭାଜପା ହାତରେ ବିକ୍ରି କରିଦେଇଛନ୍ତି। ଅଣକଂଗ୍ରେସ ବିଚାରଧାରା କଥା କହୁଥିବା ଦେବୀ ୧୯୯୬ ମସିହା କଥା ମନେପକାନ୍ତୁ। ବହୁ ଇତିହାସ ବିଷୟରେ ଜାଣିଛନ୍ତି ବୋଲି କହୁଥିବା ଦେବୀ ୧୯୯୬ରେ ଯେତେବେଳେ ତାଙ୍କ ପିତା ପ୍ରଭାତ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଦଳ ବିରୋଧରେ ଯାଇ ଭୋଟ ଦେଇଥିଲେ, ତା'ର ଉତ୍ତର ରଖନ୍ତୁ। ବିନା ଶଙ୍ଖ ଚିହ୍ନରେ ବାଙ୍କୀରେ ଲଢ଼ି ଜିତିକି ଦେଖାନ୍ତୁ ବୋଲି ଈପ୍ସିତା କହିଛନ୍ତି। ଅନ୍ୟପଟେ ଦେବୀରଞ୍ଜନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏ ଦଳକୁ ଧୀରେ ଧୀରେ କଂଗ୍ରେସ ଗ୍ରାସ ହେଲାଣି। ବିଜେଡି କେବେହେଲେ ହିଂସାରେ ବିଶ୍ୱାସ ରଖେନାହିଁ। ମାତ୍ର କତିପୟ ଯୁବନେତା ପାଣ୍ଡିଆନ୍‌ଙ୍କ ତୋଷାମୋଦିଆ ସାଜି ନିଜ ବସ୍‌ଙ୍କୁ ଖୁସି କରିବା ପାଇଁ ଯେଉଁ ଅପଚେଷ୍ଟା କରିଛନ୍ତି, ତାକୁ ବିଜୁ ଆଦର୍ଶରେ ଅନୁପ୍ରାଣିତ ଯୁବନେତାମାନେ ଉଚିତ ଜବାବ ଦେଇଛନ୍ତି। ବର୍ତ୍ତମାନ ବିଜେଡି ସମାନ ଭାବେ ୨ ଭାଗ ହୋଇସାରିଛି। କିଛିଦିନ ତଳେ ଟ୍ରଷ୍ଟ ବିଷୟରେ ଜାଣିନାହିଁ ବୋଲି ବିଧାୟକଙ୍କୁ କହିଥିବା ନବୀନ ଆଜି କେମିତି ସେକଥା ସତ ମାନିଲେ ବୋଲି ଦେବୀ କହିଛନ୍ତି।

## କୁଲଡିହାରେ ବିରଳ ପକ୍ଷୀ 'ଓରିଏଣ୍ଟାଲ ପାଇଡ ହର୍ନବିଲ'

ନୀଳଗିରି, ୧୮।୩ (ପ୍ରଶାନ୍ତ କୁମାର ବିଶ୍ୱାଳ)



ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ପ୍ରଥମ ଥର ପାଇଁ ଗ୍ରୀଷ୍ମକାଳୀନ ପକ୍ଷୀ ସର୍ଭେ ସମୟରେ ପ୍ରଥମଥର ପାଇଁ ଓରିଏଣ୍ଟାଲ ପାଇଡ ହର୍ନବିଲ (Oriental Pied Hornbill) ଦେଖା ହେବା ଜଙ୍ଗଲପ୍ରେମୀ ଓ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ସାଧାରଣତଃ ଏହି ପ୍ରଜାତି ପୂର୍ବ ଓ ଉତ୍ତର-ପୂର୍ବ ଭାରତର ଅରଣ୍ୟ ଅଞ୍ଚଳରେ ଦେଖାଯାଏ। କୁଲଡିହାରେ ଏହାର ଉପସ୍ଥିତି ପ୍ରଥମ ଥିବାରୁ ଏହା ଜୈବ ବିବିଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ନୀଳଗିରିର ପରିବେଶବିତ୍ ମନୋରଞ୍ଜନ ଦାସ ବୁଧବାର ଏହି ପକ୍ଷୀ ଗଛରେ ବସି ରାବୁଥିବା ଦେଖିଥିଲେ। ପକ୍ଷୀ ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଏହି ଅଭୟାରଣ୍ୟର ପ୍ରାକୃତିକ ପରିବେଶ, ଖାଦ୍ୟ ଉପଲବ୍ଧତା ଓ ସୁରକ୍ଷିତ ଆବାସ ସୃଷ୍ଟି ହେବାରୁ ଏହି ପକ୍ଷୀ ଏଠାରେ ଆକର୍ଷିତ ହୋଇଥାଇପାରେ। ଏହି ଆବିଷ୍କାର କୁଲଡିହା ଅଭୟାରଣ୍ୟର ପରିବେଶ ସୁସ୍ଥତା ଓ ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରମାଣ କରୁଛି।

## ଥାନା ସମ୍ମୁଖରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ଛେଣ୍ଡିପଦା,୧୮।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନାକୁ ମଙ୍ଗଳବାର ଅଭିଯୋଗ କରିବାକୁ ଆସିଥିବା ଜଣେ ଯୁବକ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି।

ସୂଚନା ଅନୁଯାୟୀ, ଟାଙ୍ଗିରୀ ଗ୍ରାମର କାହ୍ନୁଚରଣ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭିଯୋଗ ନେଇ ବାଗଡ଼ିଆ ଥାନାକୁ ଆସିଥିଲେ। ତାଙ୍କ ନାମରେ ମଧ୍ୟ ଥାନାରେ ଅଭିଯୋଗ ଥିଲା। ଅଭିଯୋଗ ରଖି ମାମଲା ତୁରନ୍ତ କରି ଏତଲା କପି ଦେବା ପାଇଁ କାହ୍ନୁ ପୋଲିସକୁ କହିଥିଲେ। କିଛି ସମୟ ପରେ ଏତଲା କପି ଦିଆଯିବ ବୋଲି ପୋଲିସ କହିବାରୁ କାହ୍ନୁ ଉତ୍ତ୍ୟକ୍ତ ହୋଇ ବଜାରରୁ କିରୋସିନି ଆଣି ଥାନା ସମ୍ମୁଖରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ କାବୁ କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଦେବଦତ୍ତ ନାୟକ କହିଛନ୍ତି, ଯୁବକ ଜଣକ କୌଣସି ମାନସିକ ଚାପରେ ଏପରି କରିଥାଇପାରନ୍ତି। ଏନେଇ ତଦନ୍ତ ଜାରି ରହିଛି।



# କଟକର ୨୦୦ ନର୍ସିଂହୋମ୍‌କୁ ନିଆଁ ଡର

## ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥିତ ଚିତ୍ର

- ମାତ୍ର ୪/୫ଟି ନର୍ସିଂହୋମ୍ ପାଳିଛନ୍ତି ଏନ୍‌ବିସି ନିୟମ
- ସିଡିଏ, ସିଏମ୍‌ସିରୁ ମିଳୁଛି ଅନୁମତି, ଅଗ୍ନିଶମ ବିଭାଗ ନିରୁପାୟ

କଟକ,୧୮।୩ (କୁମାରଶ୍ରୀ)

ବଡ ମେଡିକାଲରେ ଭୟାବହ ଅଗ୍ନିକାଣ୍ଡରେ ୧୨ଜଣଙ୍କ ପ୍ରାଣହାନି ପରେ ଏବେ ଘରୋଇ ହସ୍ପିଟାଲ ତଥା ନର୍ସିଂହୋମ୍‌ଗୁଡ଼ିକର ସ୍ଥିତିକୁ ନେଇ ଆଶଙ୍କା ଉପୁଜିଛି। କଟକରେ ୨୦୦ରୁ ଅଧିକ ନର୍ସିଂହୋମକୁ ନିଆଁ ଡର ରହିଛି ବୋଲି ରାଜ୍ୟ ଅଗ୍ନିଶମ ବିଭାଗର ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। କୋଠା ମାଲିକମାନେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ହାସଲ କରି ନର୍ସିଂହୋମ ଚଳାଉଛନ୍ତି ସତ, ହେଲେ ସମ୍ପୃକ୍ତ ନର୍ସିଂହୋମ୍‌ରେ ନିଆଁ ଲାଗିଲେ ଦମକଳ ବି ସେଠାରେ ପହଞ୍ଚିବା ମୁସ୍କିଲ। କଟକର ସଂକୀର୍ଣ୍ଣ ଗଳି ଭିତରେ ଗଢ଼ି ଉଠିଥିବା ନର୍ସିଂହୋମ୍‌ଗୁଡ଼ିକ ଉପରେ ଏବେ ସ୍ୱାସ୍ଥ୍ୟ ବିଭାଗ ବିଶେଷ ଦୃଷ୍ଟି ଦେଉ ବୋଲି ଅଧିକାରୀ ଜଣକ କହିଥିଲେ।

କଟକରେ ପଞ୍ଜୀକୃତ ନର୍ସିଂହୋମ୍ ସଂଖ୍ୟା ୨୪୭। ମିଳିଥିବା ସୂଚନା ଅନୁସାରେ ତନ୍ମଧ୍ୟରୁ ୪ରୁ ୫ଟି ନର୍ସିଂହୋମ୍ ନ୍ୟାଶନାଲ ବିଲ୍ଡିଂ କୋଡ୍ (ଏନବିସି) ନିୟମ ଅନୁପାଳନ କରିଛନ୍ତି। ଏହି ନିୟମ ଅନୁସାରେ ନର୍ସିଂହୋମ୍‌ର ଚତୁଃପାର୍ଶ୍ୱରେ ରାସ୍ତା ଥିବା ଆବଶ୍ୟକ। ଅଗ୍ନିକାଣ୍ଡ ଘଟିଲେ ନିଆଁକୁ ଆୟତ୍ତ କରିବା ଭଳି ବ୍ୟବସ୍ଥା ହୋଇ ପାରୁଥିବା ଉଚିତ୍। ହେଲେ କଟକରେ ଏନ୍‌ବିସି ନିୟମ ପାଳିବା ପ୍ରାୟତଃ ନର୍ସିଂହୋମ୍ ପକ୍ଷେ ସମ୍ଭବପର ନୁହେଁ। ଅଗ୍ନିଶମ ଅଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ୨୦୧୭ରେ ଅଗ୍ନି ନିରାପତା ନିୟମ କଡାକଡି କରାଯାଇଥିଲା। ଯେଉଁ କୋଠାର ୪ ମହଲା ପଟେ ରାସ୍ତା ଥିବ ଏବଂ ବିଲ୍ଡିଂ ପ୍ଲାନ କମର୍ସିଆଲ ହୋଇଥିବ ତାକୁ ସାର୍ଟିଫିକେଟ ମିଳିବ ବୋଲି କୁହାଯାଇଥିଲା। ୨୦୨୦ରେ ରାଜ୍ୟ ସରକାର ନିୟମକୁ କୋହଳ କରିଥିଲେ। ସର୍ବକ୍ଷମା ନିୟମ ଅଣାଯାଇ ୨୦୧୭ ପୂର୍ବରୁ ଗଢ଼ିଉଠିଥିବା ନର୍ସିଂହୋମଗୁଡ଼ିକ ପାଇଁ ନୂଆ ନିୟମ ହୋଇଥିଲା। ଦୁଇ ପଟେ ରାସ୍ତା ଥିଲେ ଏବଂ କୋଠାର ଉଚ୍ଚତା ୧୨ ମିଟର ଭିତରେ ଥିଲେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ମିଳିବ ବୋଲି କୁହାଯାଇଥିଲା। ୨୦୨୫ରେ ନିୟମ ପୁନର୍ବାର କଡାକଡି ହୋଇଛି। ହେଲେ ଫଳ ଶୂନ। ଅଗ୍ନି ନିରାପତ୍ତା ସାର୍ଟିଫିକେଟ ହାସଲର ତରିକା ବଦଳିଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏବଂ କଟକ ମହାନଗର ନିଗମ (ସିଏମ୍‌ସି)ରୁ କୋଠା ମାଲିକମାନେ ନର୍ସିଂହୋମ୍ ବିଲ୍ଡିଂ ପ୍ଲାନ ଅନୁମୋଦନ କରି ଆଣୁଛନ୍ତି। କୌଣସି ଯାଞ୍ଚ ନ କରି ସେମାନଙ୍କୁ ଅନୁମୋଦନ ମିଳିଯାଉଛି। ଯଦ୍ୱାରା ଅଗ୍ନିଶମ ବିଭାଗରୁ ସହଜରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ହାସଲ ହୋଇଯାଉଛି। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ନର୍ସିଂହୋମ ନିମନ୍ତେ ଲାଇସେନ୍ସ ମିଳିଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲତାଡ ଆରମ୍ଭ ହେଲେ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଥିବା ଅନେକ ନର୍ସିଂହୋମ୍‌ରେ ତାଲା ଝୁଲନ୍ତା ବୋଲି ସେ କହିଥିଲେ।

## ସମବାୟ ୟୁନିୟନ ପ୍ରଶିକ୍ଷଣ ଶିବିର

ବାଙ୍କୀ,୧୮।୩ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତସ୍ଥିତ କଲ୍ୟାଣୀ ମଣ୍ଡପଠାରେ ସମବାୟ ୟୁନିୟନ ଭୁବନେଶ୍ୱର ଆନୁକୂଲ୍ୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ବାଙ୍କୀ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଉଦ୍‌ଘାଟନ କରି ସମବାୟ କିପରି ଆଗକୁ ଯିବ ଓ ତାର ଉନ୍ନତି ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସର୍ବଶ୍ରୀ ବ୍ରହ୍ମାନନ୍ଦ ପରିଡା ବିଜନ କୁମାର ସାହୁ, ବିନେଶ୍ୱର ମହାନ୍ତି, ଶ୍ରୀଧର ଦାସ, ସିଦ୍ଧାର୍ଥ ବଳିୟାରସିଂ ଓ ବିପିନ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଧ୍ୟାପକ ବିଶ୍ୱରଞ୍ଜନ ପାଇବେ ସାହିତ୍ୟ ଭାରତୀ ସମ୍ମାନ

କଟକ,୧୮।୩ (କାର୍ତ୍ତିକ ସାହୁ)



ଦରଘାବଜାରସ୍ଥିତ ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷର ସମ୍ମାନ ଓ ପୁରସ୍କାର ସମ୍ପର୍କରେ ବୁଧବାର ଘୋଷଣା କରାଯାଇଛି। ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ: ୨୦୨୬' ପ୍ରଦାନ କରାଯିବ। ତାଙ୍କୁ ଏକ ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ। ସୁଦୀର୍ଘ ସାରସ୍ୱତ ଯାତ୍ରାରେ ସେ ଜଣେ ସୁସାହିତ୍ୟିକ ଭାବେ ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ସାରସ୍ୱତ ସୃଷ୍ଟିସମୂହ ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ।

ସେହିପରି ଫାଉଣ୍ଡେଶନର ପ୍ରତିଷ୍ଠାତାଙ୍କ ନାମରେ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଶିକ୍ଷାବିତ୍ ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ସହିତ ଏକ ରୌପ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ ଡ. ଇନ୍ଦିରା ଦାଶଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ କଥାକାର ରବି ସ୍ୱାଇଁଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ। ଏଥିସହ ଯୁବ ସାରସ୍ୱତ ପ୍ରତିଭା ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ।

ଏପ୍ରିଲ ୫ ତାରିଖ (ରବିବାର) ସନ୍ଧ୍ୟାରେ କଳା ବିକାଶ କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ସାରସ୍ୱତ ସମାରୋହରେ ଉପରୋକ୍ତ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉତ୍ସବକୁ ଉଦ୍‌ଘାଟନ କରିବେ। ମୁଖ୍ୟବକ୍ତା ଭାବେ ଗବେଷକ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗଦେବେ। ଫାଉଣ୍ଡେଶନର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ଅଧ୍ୟକ୍ଷତା କରିବେ ବୋଲି ଫାଉଣ୍ଡେଶନର ସମ୍ପାଦିକା ସୁସ୍ମିତା ରଥ ଜଣାଇଛନ୍ତି।

## ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟ କରି ବାଙ୍କୀକୁ ବଦନାମ କରିଛନ୍ତି ବିଧାୟକ

- ଖବରଦାତା ସମ୍ମିଳନୀରେ ବର୍ଷିଲେ ପୂର୍ବତନ ବିଧାୟକ ଦେବାଶିଷ
- ଆଜି ସନ୍ଧ୍ୟାରେ ବିରୋଧ ପ୍ରଦର୍ଶନ



ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ

ବାଙ୍କୀ,୧୮।୩(ଶୁଭେନ୍ଦୁ ମହାପାତ୍ର)

ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ସିଟ୍ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ୍ କ୍ୟାଣ୍ଡିଡେଟ ଭାବେ ଘୋଷଣା କରିଥିଲେ। ଦତ୍ତେଶ୍ୱରଙ୍କ ପ୍ରାର୍ଥୀତ୍ୱକୁ କଂଗ୍ରେସ ସମର୍ଥନ କରିଥିଲା। ହୋତାଙ୍କୁ ବିଜେଡି, କଂଗ୍ରେସ ଏବଂ ସିପିଆଇଏମ୍‌ର ବିଧାୟକ ଭୋଟ ଦେବେ ବୋଲି ସମ୍ପୃକ୍ତ ଦଳ ପକ୍ଷରୁ କୁହାଯାଇଥିଲା। କିନ୍ତୁ ରାଜ୍ୟ ସଭା ଭୋଟ ଦିନ ବିଜେଡିର ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶକୁ ଅବମାନନା କରି ନିଜ ସ୍ୱାର୍ଥ ପାଇଁ ଘୋଡ଼ା ବେପାରରେ ସାମିଲ ହୋଇ ବାଙ୍କୀ ମାଟିର ସ୍ୱାଭିମାନକୁ ଦଳି ଚକଟି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲେ। ଏଭଳି ଘଟଣାକୁ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ନିନ୍ଦା କରିଛନ୍ତି। ବୁଧବାର ଅପରାହ୍ନରେ ବାଙ୍କୀ ଡାକ ବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀରେ ଦେବାଶିଷ କହିଥିଲେ, ବିଧାୟକ ଦେବୀରଞ୍ଜନ ବାଙ୍କୀବାସୀଙ୍କ ସ୍ୱାଭିମାନକୁ ପାଦରେ ଦଳି ଚକଟିବା ସହ ବାଙ୍କୀ ମାଟିର ସ୍ୱାଭିମାନ ଓ ଅସ୍ମିତା ପ୍ରତି ଘୋର ଅପମାନ କରିଛନ୍ତି। ନିଜ ସ୍ୱାର୍ଥ ଢ଼ପାଇଁ ବିଜୁ ଲିଗାସି ନାଁରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅବମାନନା କରିଛନ୍ତି। ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ପରିଚୟରେ ପରିଚିତ ହୋଇ ଦେବୀରଞ୍ଜନବାବୁ ଦୁଇଥର ବିଧାୟକ ହୋଇଛନ୍ତି। ଏପରି କି ତାଙ୍କ ବାପା ମଧ୍ୟ ପୂର୍ବରୁ ବିଧାୟକ ହୋଇ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ବହୁ ପଦବୀର ଫାଇଦା ନେଇଛନ୍ତି। ବାଙ୍କୀ ବିଧାୟକ ଦେବୀରଞ୍ଜନଙ୍କ ଏଭଳି ନକାରାତ୍ମକ ଭାବନା ଓ ଚିନ୍ତାଧାରାକୁ ନେଇ ବାଙ୍କୀ ନିର୍ବାଚନମଣ୍ଡଳୀର ସ୍ୱାଭିମାନୀ ଲୋକ ଆଗାମୀ ଦିନରେ ଉଚିତ୍ ଜବାବ ଦେବେ ବୋଲି ଦେବାଶିଷ କହିଛନ୍ତି। ବାଙ୍କୀ ମାଟିର ସ୍ୱାଭିମାନ ଏବଂ ବାଙ୍କୀ ମାଟିକୁ ବଦନାମ କରିଥିବାରୁ ବିଧାୟକ ଦେବୀରଞ୍ଜନଙ୍କୁ ଗୁରୁବାର ସନ୍ଧ୍ୟାରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଦେବାଶିଷ ସୂଚନା ଦେଇଛନ୍ତି।

## ସୌଭିକ, ଦେବୀ ରଞ୍ଜନଙ୍କ କୁଶପୁତ୍ତଳିକା ଦାହ

କଟକ/ବାଙ୍କୀ, ୧୮।୩ (କୁମାରଶ୍ରୀ/ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ଜଣାପଡ଼ିବା ପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଚୌଦ୍ୱାର କଟକ ଅଞ୍ଚଳର ରୂପାଲୀ ଲେଙ୍କା ଏବଂ କଟକ ଜିଲା ବିଜୁ ଯୁବ ଜନତା ଦଳର ପୂର୍ବତନ ଉପସଭାପତି ଲୋକନାଥ ଲେଙ୍କାଙ୍କ ନେତୃତ୍ୱରେ କଟକ କଲେଜଛକସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡିରେ ଥାଇ ଦଳ ସହ ବିଶ୍ୱାସଘାତକ କରିବା ନିନ୍ଦନୀୟ। ଏଭଳି ବ୍ୟକ୍ତିଙ୍କ ପାଇଁ ଦଳରେ କୌଣସି ସ୍ଥାନ ନାହିଁ, ତୁରନ୍ତ ଦଳରୁ ସୌଭିକଙ୍କୁ ନିଲମ୍ବନ କରାଯିବାକୁ ଦାବି କରାଯାଇଛି।

ସେହିପରି ବାଙ୍କୀ ବଜାରରେ ବିଜେଡି ପକ୍ଷରୁ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ତାଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବାଙ୍କୀ ମାଟିର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ବିଜୁ ବାବୁ ଏବଂ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ଭୁଲି ଦେବୀ ରଞ୍ଜନ ଓ ପ୍ରଭାତ ଏହି ମାଟିକୁ ବଦନାମ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବାଙ୍କୀ କଂଗ୍ରେସ ପକ୍ଷରୁ ମଧ୍ୟ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଶ୍ରୀରାମ ମନ୍ଦିର ଏକାଦଶ ବାର୍ଷିକ ଉତ୍ସବ ପାଇଁ କଳସଯାତ୍ରା

ଖୁଣ୍ଟୁଣୀ,୧୮।୩ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଗ୍ରାମର ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିରର ଏକାଦଶ ବାର୍ଷିକୀ ଉତ୍ସବ ପାଇଁ ବୁଧବାର ଗ୍ରାମର ଦେଢଶହରୁ ଊର୍ଦ୍ଧ୍ୱ ମାତୃ ମଣ୍ଡଳୀଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଙ୍କ ବନ୍ଦନା ସଙ୍ଗୀତ, ଘଣ୍ଟ ଓ ହରିବୋଲ ହୁଳହୁଳି ଧ୍ୱନିରେ ମା'ମାନେ ଧବଳେଶ୍ୱର ପୀଠ ମହାନଦୀ ଘାଟକୁ ଯାଇଥିଲେ। ବେଦଜ୍ଞ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପୂଜା ପାଠ କରାଯାଇ ମା'ମାନେ ମହାନଦୀରେ ବୁଡ ପକାଇ କଳସୀ ଜଳ ନେଇ ରାମମନ୍ଦିର ପ୍ରତ୍ୟାବର୍ତ୍ତନ କରି ଘଟ ସ୍ଥାପନ କରିଥିଲେ। ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଶ୍ରୀରାମ ଚରିତ ମାନସ ପାଠ ହେବ। ୨୭ରେ ଶ୍ରୀରାମ ଚନ୍ଦ୍ରଙ୍କ ମହାସ୍ନାନ, ରୁଦ୍ରାଭିଷେକ, ହନୁମାନଜୀଙ୍କ ଅଭିଷେକ ସହିତ ସମସ୍ତ ପୂଜା ନୀତି ସମ୍ପନ୍ନ ହେବା ପରେ ଅପରାହ୍ନ ୫ ଟାରେ ପୂର୍ଣ୍ଣାହୁତି ହେବ। ପରଦିନ ସକାଳ ୭ଟାରୁ ୧୦୮ ହନୁମାନ ଚାଳିଶା ପାଠ, ଅପରାହ୍ନରେ ରଥରେ ନଗର ପରିକ୍ରମା କରିବା ପରେ ରାତି ୮ଟାରେ ମନ୍ଦିର ପ୍ରବେଶ କରିବେ ବୋଲି ଖୁଣ୍ଟୁଣୀ-ରମ୍ଭେଇ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ବୁଣାକାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଜଣେ ବୁଣାକାରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ତିଗିରିଆ, ୧୮।୩ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନଂ. ୧ ତନ୍ତୁବାୟ ସହଯୋଗ ସମିତି ପରିସରରେ ବୁଧବାର ବୁଣାକାରଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ବିକଶିତ ଓଡିଶା, ବିକଶିତ ହସ୍ତଶିଳ୍ପ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ପଣ୍ଡା ସଭାପତିତ୍ୱ କରି ହାତ ତିଆରି ବସ୍ତ୍ରର ଚାହିଦା ପାଇଁ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବସ୍ତ୍ର ଉତ୍ପାଦନ କରିବାକୁ ଯୁବ ବୁଣାକାରଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ୍ ଜଗଦାନନ୍ଦ (ସିଓ୍ୱାଇଏସ୍‌ଡି) ପ୍ରାକ୍ତନ ପୋଲିସ ଅଧିକାରୀ ପଦ୍ମନାଭ ପଣ୍ଡା, ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ବଂଶୀଧର ମହାପାତ୍ର, ଅବସରପ୍ରାପ୍ତ ରେଲୱେ ବୋର୍ଡ ଅଧିକାରୀ ବିନାୟକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫ ଜଣ ବରିଷ୍ଠ ବାନ୍ଧକାରିଗର ରାମ ଦାସ, ହରିହର କଟୁଆଳ, ଅଜୟ କଟୁଆଳ, ସୁରେନ୍ଦ୍ର କୁମାର ଦାସ ଓ ଶାନ୍ତିଲତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ନୂଆପାଟଣାର ବାନ୍ଧ କାରିଗର ଶରତ କୁମାର ପାତ୍ରଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା। ନୂଆପାଟଣା ନଂ.୧ ବୁଣାକାର ସମିତିର ସଭାପତି କେଶବ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଏଡିଟି ପ୍ରସନ୍ନ କୁମାର ତୋଷ ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୧୨୦ ଜଣ ବୁଣାକାର ଓ ତାଙ୍କ ପରିବାର ସଦସ୍ୟ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ମହୁ ଚାଷ ସମ୍ପର୍କିତ ସଚେତନତା

ବାଙ୍କୀ,୧୮।୩( ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ପରିବେଶ ସୁରକ୍ଷା ସମିତି ତରଫରୁ ବାଙ୍କୀର ବିଭିନ୍ନ ଗ୍ରାମାଞ୍ଚଳର ଗଛମାନଙ୍କରେ ମଙ୍ଗଳବାର ମହୁ ଫେଣା ଚିହ୍ନଟ କରାଯାଇଛି। ଏଥିସହ ମହୁର ଉପକାରିତା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ବାଙ୍କୀ ଥାନା ପଛପଟେ, ରାମଚନ୍ଦ୍ରପୁର ଗ୍ରାମର ପାହାଡ଼ ତଳେ ଓ ମହାପର୍ବତ ନିକଟସ୍ଥ ଜଙ୍ଗଲର ବିଭିନ୍ନ ବୃକ୍ଷରେ ମହୁଫେଣା ରହିଛି ଯାହାକୁ ସମିତିର ସଭ୍ୟମାନେ ଚିହ୍ନଟ କରିଛନ୍ତି। ମହୁ ଏକ ଅର୍ଥକାରୀ ଓ ସ୍ୱାଦିଷ୍ଟ ଖାଦ୍ୟ ରୂପେ ପରିଚିତ। ମହୁମାଛିମାନେ ବିଶେଷ କରି ଫୁଲରୁ ନେଟର ସଂଗ୍ରହ କରି ତାଙ୍କ ମହୁ ଫେଣା ବସାରେ ରଖିଥାନ୍ତି। ମହୁ ସେବନ କଲେ ବିଭିନ୍ନ ପ୍ରକାରର ରୋଗ ନିବାରଣ ହୋଇଥାଏ। ସମିତିର ଆବାହକ ଦୀପକ କୁମାର ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ମହୁ ଓ ମହୁଚାଷ ଦ୍ୱାରା କିପରି ଲାଭବାନ ହୋଇପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। ବିଶ୍ୱରଞ୍ଜନ ସ୍ୱାଇଁ ଓ ଲଲାଟେନ୍ଦୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଠଗଡ଼ର କଳା, ସଂସ୍କୃତି ଲୋକଲୋଚନକୁ ଆଣିଛି ଗଡ଼ଜାତ ମହୋତ୍ସବ

ଆଠଗଡ,୧୮।୩ (ସତ୍ୟପ୍ରସାଦ ରଥ)




ଗଡ଼ଜାତ ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥି।

ଆଠଗଡ଼ ମହୋତ୍ସବ ପଡ଼ିଆରେ ୫ ଦିନଧରି ଚାଲିଥିବା ଗଡ଼ଜାତ ଲୋକ ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଆଠଗଡ ଗଡ଼ଜାତ ପରିକ୍ରମାର ସଭାପତି ଆଇନଜୀବୀ ପ୍ରାଣକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ଉଇଙ୍ଗ୍‌ର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ଉଚ୍ଚତମ ନ୍ୟାୟାଳୟର ଅଧିବକ୍ତା ଅଜୟ କୁମାର ମିଶ୍ର, ଉଦ୍‌ଘାଟକ ଭାବେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥିଭାବେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଗିରିଶ୍ ରଞ୍ଜନ ସାହୁ ଓ ଦୈନିକ ଖବରକାଗଜ ପ୍ରବାହର ସମ୍ପାଦକ ଅଭିମନ୍ୟୁ ମହାପାତ୍ର ଯୋଗଦେଇଥିଲେ। ପ୍ରଥମେ ଉପଜିଲାପାଳ ଶର୍ମା ପ୍ରଦୀପ ପ୍ରଜ୍ୱଳନ କରି ସମାରୋହର ଶୁଭାରମ୍ଭ କରିଥିଲେ। ଗଡ଼ଜାତ ପରିକ୍ରମାର ସମ୍ପାଦକ ଲଲାଟେନ୍ଦୁ ସେନାପତି ସ୍ୱାଗତ ଭାଷଣ ଓ ଉପସଭାପତି ସୁରେଶ ଚନ୍ଦ୍ର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସେନାପତି ଆଠଗଡ଼ର ବ୍ୟାଖ୍ୟା କରି କହିଥିଲେ, ୧୧୭୮ରେ ବାଲିଠାରେ ତତ୍କାଳୀନ ରାଜା ନୀଳାଦ୍ରି ବେବର୍ତ୍ତା ପଟ୍ଟନାୟକ ଆଠଗଡ଼ ପ୍ରତିଷ୍ଠା କରିଥିଲେ। ସରଡ଼ଗଡ଼, ତଳଗଡ଼, ବାଲୀ ଆଠଗଡ଼ ଓ ନିଜିଗଡ଼, ଯାହାକି ଚତୁର୍ଥ ଗଡ଼ ଥିଲା ସେଠାରେ ୧୧୭୮ରେ ତତ୍କାଳୀନ ରାଜା ଗୋପୀନାଥ ବେବର୍ତ୍ତା ପଟ୍ଟନାୟକ ୮ ପରିବାରକୁ ନେଇ ନିଜିଗଡ଼ ତଥା ଆଠଗଡ଼ ପ୍ରତିଷ୍ଠା କରିଥିଲେ। ସମ୍ମାନିତ ଅତିଥି ତଥା ପ୍ରବାହର ସମ୍ପାଦକ ମହାପାତ୍ର କହିଥିଲେ, ଗଡ଼ଜାତ ଲୋକ ମହୋତ୍ସବ ଦ୍ୱାରା ଆଠଗଡ଼ ଗଡ଼ଜାତ ଅଞ୍ଚଳର କଳା ସଂସ୍କୃତି ଲୋକଲୋଚନକୁ ଆସିପାରିଛି। ଏଣୁ ଏହାର ନାମ ପରିବର୍ତ୍ତନ କରାଯାଇ ଲୋକକଳା ମହୋତ୍ସବ ରଖିବାକୁ ମହାପାତ୍ର ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଅତିଥି ମିଶ୍ର ଆଠଗଡ଼ରେ ଏଭଳି ମହୋତ୍ସବ ଆୟୋଜନ କରାଯାଇଥିବାରୁ ଖୁସିବ୍ୟକ୍ତ କରିବା ସହ ଆୟୋଜକ ଗଡ଼ଜାତ ପରିକ୍ରମାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଆଠଗଡ଼ ଗଡ଼ଜାତ ଅଞ୍ଚଳର ଯୋଗ୍ୟ ସନ୍ତାନ, ଯେଉଁମାନେ କି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ ସେଭଳି ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉପଜିଲାପାଳ ଶର୍ମାଙ୍କୁ ଗଡ଼ଜାତ ପ୍ରଶାସକ ସମ୍ମାନ, ମୁଖ୍ୟ ଅତିଥି ମିଶ୍ର ଓ ରାଜ୍ୟ ସ୍କାଉଟ୍ ଓ ଦୁଃସାହସିକ କମିଟି ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡାଙ୍କୁ ଗଡ଼ଜାତ ପ୍ରତିଭା ସମ୍ମାନ, ପଠାଣି ବେହେରାଙ୍କୁ ଗଡ଼ଜାତ ଶ୍ମଶାନରକ୍ଷକ ସମ୍ମାନ, ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ସତ୍ୟଭାମା ସାହୁଙ୍କୁ ଗଡ଼ଜାତ କ୍ରୀଡ଼ା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଓ କଳା ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ସୌମ୍ୟଜିତ୍ ଦାସ ସଂଯୋଜନା କରିଥିଲେ।

**ସର୍ବସାଧାରଣ ବିଜ୍ଞପ୍ତି**
**ମହାରାଷ୍ଟ୍ର ଘରଭଡ଼ା ନିୟନ୍ତ୍ରଣ ଅଧିନିୟମ, ୧୯୯୯ ଅଧୀନସ୍ଥ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ନ୍ୟାୟାଳୟରେ (ମୁମ୍ବାଇସ୍ଥିତ କୋଙ୍କଣ ଡିଭିଜନ)**
**ବେଦଖଲି ଆବେଦନ ସଂ. ୨୦୨୪ର ୫୭**
**ଆବେଦନକାରୀ:**
ଶ୍ରୀ ଦୀପକ କୁମାର ଅଗରୱାଲ,
ବାସିନ୍ଦା- ୩୮ବି, ପାଣ୍ଡିତ୍ୟ ରୋଡ୍, ଫୋର୍ଟ ଓଏସିସ୍, ଟାୱାର-୧, ଫ୍ଲାଟ୍ ନଂ.୬୦୪, ପି.ଏସ୍. ଲେକ୍, କୋଲକାତା-୭୦୦୦୨୯।
**ବନାମ**
**ପ୍ରତିବାଦୀ:**
୧. ଶ୍ରୀ ସୌରଭ ମହାନ୍ତି
୨. ଶ୍ରୀମତୀ ସାଗରିକା ମହାନ୍ତି
୩. ଶ୍ରୀ ରାହୁଲ ମହାନ୍ତି
୪. ଶ୍ରୀ ହୋତା ସଞ୍ଜୀବ
ଶେଷ ଜ୍ଞାତ ଠିକଣା: ଫ୍ଲାଟ୍ ନଂ. ଏ/୩୦୦୧, ୩୦ତମ ମହଲା, ମେଟ୍ରୋପଲିସ୍ ସିଏଚ୍‌ଏସ୍ ଲିଃ, କେ.ପି. ରୋଡ୍, ଗୁରୁଦ୍ୱାରା ସାମ୍ନା, ଅନ୍ଧେରୀ (ପଶ୍ଚିମ), ମୁମ୍ବାଇ-୪୦୦୦୫୩।
ଆହୁରି ମଧ୍ୟ ସ୍ଥାନ: ପ୍ଲଟ୍ ନଂ. ୩ସି/୬୭୮, ସେକ୍ଟର-୮, ସିଡିଏ, କଟକ-୭୫୩୦୧୪, ଓଡ଼ିଶା।
**ନୋଟିସ ଦିଆଯାଉଅଛି ଯେ** ମହାରାଷ୍ଟ୍ର ଘରଭଡ଼ା ନିୟନ୍ତ୍ରଣ ଅଧିନିୟମ, ୧୯୯୯ ଅଧୀନରେ ମାନ୍ୟବର କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ନ୍ୟାୟାଳୟ, କୋଙ୍କଣ ଡିଭିଜନ, ମୁମ୍ବାଇ, ତା୨୩।୧୨।୨୦୨୫ରିଖର ରାୟ ତଥା ଆଦେଶ ଜରିଆରେ ପ୍ରତିବାଦୀଗଣଙ୍କୁ ଫ୍ଲାଟ୍ ନଂ. ୨୯୦୫, ସି-ୱିଙ୍ଗ୍, ୨୯ତମ ମହଲା, ମେଟ୍ରୋପଲିସ୍ ସିଏଚ୍‌ଏସ୍ ଲିଃ, କେ.ପି. ରୋଡ୍, ଅନ୍ଧେରୀ (ପଶ୍ଚିମ), ମୁମ୍ବାଇ-୪୦୦୦୫୩ (ବିଲ୍ଟ-ଅପ୍ କ୍ଷେତ୍ର ପାଖାପାଖି ୨୪୦୦ ବର୍ଗଫୁଟ)ର ଦଖଲକୁ ଆଦେଶର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ଖାଲି କରି ଓ ଶାନ୍ତିପୂର୍ଣ୍ଣ ଭାବେ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକନ୍ତୁ, ପ୍ରତିବାଦୀମାନଙ୍କୁ ସେପ୍ଟେମ୍ବର ୨୦୨୨ରୁ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ମାସିକ ₹୯୦,୦୦୦/-ର କ୍ଷତିରାଶି ଏବଂ ନଭେମ୍ବର ୨୦୨୩ଠାରୁ ଦଖଲ ହସ୍ତାନ୍ତର ହେବା ପର୍ଯ୍ୟନ୍ତ ମାସିକ ₹୧,୮୦,୦୦୦/-ର ଦୁଇଗୁଣା ଲାଇସେନ୍ସ ଫି' ପୈଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।
ଆବେଦନକାରୀଙ୍କ ଓକିଲଙ୍କ ଦ୍ୱାରା ତା୨୬।୦୧।୨୦୨୬ରିଖର ଏକ ଡିମାଣ୍ଡ ନୋଟିସ୍ ସ୍ପିଡ୍ ପୋଷ୍ଟ ଜରିଆରେ ପ୍ରତିବାଦୀଙ୍କ ଶେଷ ଜ୍ଞାତ ଠିକଣାରେ ଜାରି କରାଯାଇଥିଲା, ଯାହା ଅବିତରିତ/ଦାବିହୀନ ଭାବେ ଫେରିଆସିଛି।
ତେଣୁକରି, ଯେହେତୁ ପ୍ରତିବାଦୀଗଣଙ୍କର ପତ୍ତା ଜଣା ନାହିଁ, ବିକଳ୍ପ ସେବା ଭାବେ ଏହି ସର୍ବସାଧାରଣ ନୋଟିସ୍ ଜାରି କରାଯାଉଛି। ଧାନରେ ରଖନ୍ତୁ ଯେ ବର୍ତ୍ତମାନର ନୋଟିସ୍ ଜରିଆରେ ଆମେ ଏତଦ୍ୱାରା ଆପଣ ସମସ୍ତ ପ୍ରତିବାଦୀଗଣଙ୍କୁ ଘରଭଡ଼ା ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଉପରୋକ୍ତ ଆଦେଶର ଅନୁପାଳନ କରିବା ଲାଗି ନିର୍ଦ୍ଦେଶ ଦେଉଅଛୁ, ଯେଉଁଥିରେ ବିଫଳ ହେଲେ ଆବେଦନକାରୀ ଦଖଲ ଏବଂ ବକେୟା ଦେୟର ପୁନରୁଦ୍ଧାର କରିବା ପାଇଁ ପ୍ରତିବାଦୀଗଣଙ୍କ କ୍ଷତିଭୟ, ଖର୍ଚ୍ଚ ଓ ପରିଣତିରେ ନିଷ୍ପାଦନ କାର୍ଯ୍ୟପ୍ରକ୍ରିୟା ଆରମ୍ଭ କରିବେ।
ସ୍ଥାନ: ମୁମ୍ବାଇ
ତାରିଖ: ୧୮ ମାର୍ଚ୍ଚ ୨୦୨୬
ସ୍ୱା./-
ସ୍ମିତ ଶାହ
ଆବେଦନକାରୀଙ୍କ ଓକିଲ
ଅଫିସ୍ ନଂ.୨୧୧, ମେକର ଭବନ III, ଭିଠଲ୍‌ଦାସ ଥାକରସେ ମାର୍ଗ, ନ୍ୟୁ ମେରାଇନ୍ ଲାଇନ୍ସ, ମୁମ୍ବାଇ-୪୦୦୦୨୦

**OFFICE OF THE MUNICIPAL COUNCIL:RAYAGADA**
DIST- RAYAGADA, PIN CODE-765001, ODISHA
E-mail ID- raygadam.hud@nic.in, raygadam.hud@gmail.com
Letter No.1266, Date 17.03.26
**QUOTATION CALL NOTICE**
No.13001/698/2526: Sealed quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before Dt.31.03.2026 by 1.00 P.M. through Speed Post/ Courier or by hand and will be open on same day at 4.00 PM in the presence of Quotationer or their authorized agent if present. The Quotationer should submit the PAN Card & GST Registration certificate enclosing with the Quotation paper alongwith covering letter. The Quotation received after due date and time will not be entertained. The paper cost of Rs.1000/- (Non-Refundable) and EMD Rs.10,000/- (Refundable) should be furnished in shape of Bank Draft/ Bankers Cheque from any Nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper alongwith annexure available in office website www.rayagadamunicipality.in for wide publication and download.
The undersigned reserves the right to cancel/ reject any or all the quotations without assigning any reason thereof.
Sd./- Executive Officer
Rayagada Municipality
OIPR-13001/13150/1/25-26/0006

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com
'e' Procurement Notice
Bid Identification No.SE MID JSD 14/2025-26
No.569// MID // date 17.03.2026
No.32001/219/2526: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the Works | Civil Construction Work |
| 2. | Total No. of Works | 01 (One) No. |
| 3. | Estimated Cost (Detail List of work annexed) | Rs.51.60 Lakh |
| 4. | Class of Contractor | As mentioned against work |
| 5. | Period of Completion | As mentioned against work |
| 6. | Date & time of Availability of Bid document in the portal | 20.03.2026 to 30.03.2026 during office hours |
| 7. | Last date/time for receipt of bid in the Portal | 30.03.2026 during office hours |
| 8. | Date/Time of Opening of Technical Bid | 31.03.2026 at 10.00 AM at Office of the S.E. MI Divn. Jharsuguda |
| 9. | Date/Time of Opening of Financial Bid | 06.04.2026 at 10.00 AM |
| 10. | Name & Address of the Officer Inviting the Bid | Superintending Engineer, M.I. Division, Jharsuguda |
| 11. | Mode of Payment of Bid Cost & Bid Security | Online |

Sd./- Superintending Engineer
M.I. Division, Jharsuguda
OIPR-32001/32291/1/25-26/0016

# ଅଦିନିଆ ରଥଯାତ୍ରା ରୋକିବାକୁ ପଠାଯିବ ଏସ୍‌ଓପି

## ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟି ବୈଠକ

ପୁରୀ,୧୮।୩( ଅଜିତ୍ କୁମାର ମହାନ୍ତି)



ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟି ବୈଠକ ବୁଧବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର କମିଶନର, କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ବରିଷ୍ଠ ସେବାୟତ ପ୍ରମୁଖ ଯୋଗଦେଇଥିଲେ। ସଭ୍ୟ ହରେକୃଷ୍ଣ ଶତପଥୀ କହିଛନ୍ତି, ଶ୍ରୀଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ତଥ୍ୟ ପ୍ରଚାର ପ୍ରସାର ପାଇଁ ଗଠନ କରାଯାଇଥିବା ସବ୍‌କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କନ୍ଧ ପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟର ୧୦୦୦ ଶ୍ଳୋକ ଏକ ସଂକ୍ଷିପ୍ତ ସାରକୁ ନେଇ ଓଡ଼ିଆ, ହିନ୍ଦୀ, ଇଂଲିଶ୍‌ରେ ବ୍ୟାଖ୍ୟା କରାଯାଇ ପ୍ରଚାର ପ୍ରସାର କରାଯିବ। ନିଲିପ୍ତାନନ୍ଦ ସ୍ୱରସ୍ୱତୀ ଏହାକୁ ଇଂଲିଶ୍‌ରେ ଅନୁବାଦ କରିଛନ୍ତି, ତାହାକୁ ଦିବ୍ୟଜୀବନ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ସେମାନେ ଶ୍ରୀମନ୍ଦିରକୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ରାଜି ହୋଇଛନ୍ତି। ଏହି ଇଂଲିଶ୍ ଅନୁବାଦ ଆସିବା ପରେ ଠିକ୍ ଅଛି କି ନାହିଁ ଦେଖାଯିବ। ପରେ ହିନ୍ଦୀ, ଇଂଲିଶ୍ ରୂପାନ୍ତର କରାଯାଇ ସମସ୍ତଙ୍କ ନିକଟରେ ପହଞ୍ଚାଯିବ। ଏଥିସହ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏକ ପ୍ରସ୍ତାବ ଦେଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ସମୟରେ ଅନେକ ଶିଳାଲେଖ ବାହାରିଛି। କିଛି କାର୍ଯ୍ୟ ବିଶିଷ୍ଟ ଐତିହାସିକ ସତ୍ୟନାରାୟଣ ରାଜଗୁରୁ ମଧ କରିଛନ୍ତି। ସମସ୍ତ ଶିଳାଲେଖକୁ ଆଣି ସେଗୁଡ଼ିକର ପୁଣି ତର୍ଜମା କରାଗଲେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଭାରତ ବାହାରେ ଥିବା ମନ୍ଦିରଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ମାର୍ଗଦର୍ଶିକା ବା ଏସ୍‌ଓପି ସହ ପ୍ରକାଶିତ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଦାନ କରିବାକୁ ଯୋଜନା କରାଯାଉଛି। ଫଳରେ କେଉଁ କେଉଁ ତିଥିରେ କେଉଁ କାର୍ଯ୍ୟ କରାଯିବା ଉଚିତ, ତାହାର ପ୍ରମାଣ ପ୍ରଦାନ କରାଯିବ। ଏନେଇ ସମସ୍ତଙ୍କ ସହ ଆଲୋଚନା କରାଯାଇ ପଠାଯିବ। ହିନ୍ଦୁ ନବବର୍ଷ ପୂର୍ବରୁ ସମସ୍ତ ମନ୍ଦିରରେ କ୍ୟାଲେଣ୍ଡର ଓ ଏସ୍‌ଓପି ଯେପରି ପହଞ୍ଚିବ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମୂଳପୀଠ ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ରୀତିନୀତି, ପରମ୍ପରା ଓ ପର୍ବପର୍ବାଣୀକୁ ନେଇ ପ୍ରସ୍ତୁତ ମାର୍ଗଦର୍ଶିକା ଓ କ୍ୟାଲେଣ୍ଡର ଭାରତ ଓ ଭାରତ ବାହାରେ ଥିବା ପ୍ରତ୍ୟେକ ଜଗନ୍ନାଥ ମନ୍ଦିରକୁ ପ୍ରଦାନ କରାଯିବ। ଏହାଦ୍ୱାରା ଆଉ ଅଦିନିଆ ରଥଯାତ୍ରା ହେବ ନାହିଁ କିମ୍ବା ଧାର୍ମିକ ପରମ୍ପରା ବ୍ୟାଘାତ ହେବ ନାହିଁ।




୧୮।୦୩।୨୦୨୬

| | |
|---|---|
| ୪,୭୯,୮୧୩ଟଙ୍କା | |
| ସୁନା | ୬.୩୦୦ ଗ୍ରାମ୍ |
| ରୁପା | ୨୦ ଗ୍ରାମ୍ |

# ଠିକ୍ ସମୟରେ ସରିବ ସବୁ ପ୍ରକଳ୍ପ

## ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)



ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୁଧବାର ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭର୍ଚ୍ଚୁଆଲରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଓବିସିସି ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ପ୍ରକଳ୍ପର ରୂପରେଖ ବିଷୟରେ ଏହି ବୈଠକରେ ଆଲୋଚନା କରାଯାଇଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷକରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏମାରମଠଠାରେ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରି ସ୍ଥାପନା ନେଇ ପ୍ରସ୍ତୁତ ହୋଇଥିବା ଡିପିଆର୍ ଉପରେ ବିଶେଷ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଏମାର ମଠ ନିକଟରେ ବିଶ୍ୱସ୍ତରୀୟ ଲାଇବ୍ରେରି ସ୍ଥାପନ ହେବ। ରଘୁନନ୍ଦନ ଲାଇବ୍ରେରିରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେଶନ କରାଯିବ। ଜଗନ୍ନାଥ ସଂସ୍କୃତି ବିଷୟରେ ଏଠାରେ ଗବେଷଣା କରାଯିବ। ସେହିପରି ସେବାୟତ ଗୁରୁକୁଳ ନିର୍ମାଣ ନେଇ ବୈଠକରେ ଆଲୋଚନା ହୋଇଛି। ଗୁରୁକୁଳ ନିର୍ମାଣ ହେବାକୁଥିବା ସ୍ଥାନରେ ଜମି ଜବରଦଖଲ ହୋଇଥିବା ବେଳେ ଏହାକୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ। ସେବାୟତ ବାସଗୃହ ନିର୍ମାଣ ନେଇ ସମସ୍ତ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ପୁରୀ ବଡ଼ଦାଣ୍ଡର ଉନ୍ନତୀକରଣ, ନୀଳାଚଳ ଭକ୍ତନିବାସ ପ୍ରଶସ୍ତୀକରଣ ପାଇଁ ମଧ ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବାରୁ ଓବିସିସି ଦ୍ୱାରା ଚାଲିଥିବା ସମସ୍ତ ନିର୍ମାଣ କାର୍ଯ୍ୟ କିଭଳି ରଥଯାତ୍ରା ପୂର୍ବରୁ ଶେଷ ହେବ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ରଥଯାତ୍ରା ପୂର୍ବରୁ ଯାହା ଅତି ଜରୁରୀ ରହିଛି ତାହାକୁ ସାରିବାକୁ ଚେଷ୍ଟା କରାଯାଉଛି। ବାସେଳୀସାହି ଧର୍ମଶାଳା ରଥଯାତ୍ରା ପୂର୍ବରୁ ସରିବ। ପ୍ରାୟ କାର୍ଯ୍ୟ ଶେଷ ହୋଇଛି, ଯାହା ରହିଛି ତାହା ରଥ ପୂର୍ବରୁ ଶେଷ ହେବ ବୋଲି ସେ କହିଛନ୍ତି। ସାଂସ୍କୃତିକ କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ କହିଛନ୍ତି, ରଘୁନନ୍ଦନ ଲାଇବ୍ରେରି ଓ କଲ୍‌ଚର ସେଣ୍ଟର ଏମାଠମଠାରେ କରାଯିବ। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଗୁଣ୍ଡିଚା ମନ୍ଦିରର କାର୍ଯ୍ୟ ଶେଷ କରି ମେ’ ୧୦ ସୁଦ୍ଧା ଶ୍ରୀମନ୍ଦିରକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ହୋଇଛି।




ରାଷ୍ଟ୍ରୀୟ ନବବର୍ଷକୁ ସ୍ୱାଗତ କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ସୁଦର୍ଶନ ପଟ୍ଟନାୟକ ୨୦୨୭ ଜାତୀୟ ଜନଗଣନା ବ୍ରାଣ୍ଡ୍ ଆମ୍ବାସାଡର

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ୨୦୨୭ ଜାତୀୟ ଜନଗଣନା ବ୍ରାଣ୍ଡ୍ ଆମ୍ବାସାଡର ହୋଇଛନ୍ତି। ପଟ୍ଟନାୟକ ବାଲୁକାକଳା ମାଧ୍ୟମରେ ଲୋକଙ୍କୁ ସଚେତନ କରିବେ। ଏନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜନଗଣନା ପୂର୍ବରୁ କେନ୍ଦ୍ର ସରକାର ପଟ୍ଟନାୟକଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ବ୍ରାଣ୍ଡ୍ ଆମ୍ବାସାଡର ଭାବେ ସେ ନିଜର ଅନନ୍ୟ ବାଲୁକାକଳା ମାଧ୍ୟମରେ ମୁଖ୍ୟବାର୍ତ୍ତାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇ ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବେ। ସୃଜନଶୀଳ ବାଲୁକାକଳା ମାଧ୍ୟମରେ ସେ ଏହି ପ୍ରକ୍ରିୟାକୁ ଆକର୍ଷଣୀୟ ଏବଂ ସହଜ କରିବା ସହ ବ୍ୟାପକ ସହଯୋଗ ପାଇଁ ଲୋକଙ୍କୁ ଉତ୍ସାହିତ କରିବେ।

## ସମୁଦ୍ରରୁ ପର୍ଯ୍ୟଟକଙ୍କୁ ଉଦ୍ଧାରକଲେ ଲାଇଫ୍‌ଗାର୍ଡ

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)

ସମୁଦ୍ର ସ୍ନାନବେଳେ ଜଣେ ପର୍ଯ୍ୟଟକ ଭାସିଯାଇଥିବା ବେଳେ ଲାଇଫ୍‌ଗାର୍ଡ ତାଙ୍କୁ ଉଦ୍ଧାର କରିଛନ୍ତି। ସ୍ୱର୍ଗଦ୍ୱାର ନିକଟ ସମୁଦ୍ରକୂଳ ସେକ୍ଟର-୯ରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପର୍ଯ୍ୟଟକ ଜଣକ ବାଲେଶ୍ୱର କୁଣ୍ଡି ଗ୍ରାମର ହରିହର ବେହେରା। ହରିହର ବୁଧବାର ପୂର୍ବାହ୍ନରେ ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ି ଯାଇଥିଲେ। ଉପସ୍ଥିତ ଲୋକମାନେ ଚିତ୍କାର କରିବାରୁ ସେଠାରେ ନିୟୋଜିତ ଲାଇଫ୍‌ଗାର୍ଡ ସମୁଦ୍ର ଭିତରକୁ ଯାଇ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଉଦ୍ଧାର ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ରବିବାର ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଅନିମେଶ୍ ସା ବେଳାଭୂମିରେ ସ୍ନାନ ବେଳେ ଭାସି ଯାଇଥିଲେ। ପ୍ରଶାସନ ପକ୍ଷରୁ ଅନିମେଶଙ୍କୁ ଦୁଇ ଦିନ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହକୁ ବୁଧବାର ରାମଚଣ୍ଡୀ ବେଳାଭୂମି ନିକଟରୁ ଉଦ୍ଧାର କରିଥିଲା।

## ଜାତୀୟ ଯୁବ ମହିଳା କନ୍‌ଭେନ୍‌ଶନ ଉଦ୍‌ଯାପିତ

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି): ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ୍) ପକ୍ଷରୁ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୨ଦିନିଆ ଜାତୀୟ ଯୁବ ମହିଳା କନ୍‌ଭେନ୍‌ଶନ ମଙ୍ଗଳବାର ଶେଷ ହୋଇଛି। ଏଆଇକେଏସ୍ ସର୍ବଭାରତୀୟ ଉପସଭାପତି ଆଶିଷ କାନୁନ୍‌ଗୋ ଯୋଗଦେଇ ଜାତୀୟ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ମହିଳାମାନେ ନିଜ ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଏକ ୩୭ ଜଣିଆ ଆବାହକ କମିଟି ଗଠନ କରିବା ସହ ଅମୁଥା ଜୟଦୀପ ଆବାହକ ଭାବେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିନିତା ବିନସେଣ୍ଟ, ଆଶ୍ୱିନୀ, ଶ୍ୱେତା, ଶ୍ରେୟା, ରାଜ୍ୟ ସଭାପତି ସତ୍ୟରଞ୍ଜନ ମହାନ୍ତି, ରାଜ୍ୟ ସମ୍ପାଦକ କାମଦେବ ନାହାକ, ସିପିଆଇ ପୁରୀ ଜିଲାର ସାଥୀ ପ୍ରଦୀପ୍ତ ମହାନ୍ତି, ଜିଲା ସମ୍ପାଦକ କିଷାନ ରାଉତ, ସୁକାନ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ତରୁଣକାନ୍ତ, ହରି ବାବୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ୪୦ ଦିନ ପରେ ଶ୍ୱଶୁର ଗିରଫ

■ ଜ୍ୱାଇଁଙ୍କୁ ଅପହରଣ କରି ହତ୍ୟା ଅଭିଯୋଗ

କଣାସ,୧୮।୩(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ୍ କୋଟକଣା ଛକରେ ରହୁଥିବା କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା କରୁକୁଡ୍ରୁପା ଗ୍ରାମର ଫିଲମନ ଦିଗଲ ଏବଂ ପତ୍ନୀ ଝାନ୍‌ସୀ ବେହେରା ଦୁହେଁ ଦୁହିଁଙ୍କୁ ଭଲପାଇ ବିବାହ କରିଥିଲେ। ଫେବୃଆରୀ ୯ରେ ଝାନ୍‌ସୀଙ୍କ ବାପା କୃଷ୍ଣପ୍ରସାଦ ବ୍ଲକ ଫଳମା ଗ୍ରାମର ମୋହନ ବେହେରା ଜ୍ୱାଇଁଙ୍କୁ ଅପହରଣ କରିନେଇ ମାରି ଦେଇଥିବା ପତ୍ନୀ ଝାନ୍‌ସୀ ଗଡ଼ିଶାଗୋଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଗଡ଼ିଶାଗୋଡା ଥାନାଧିକାରୀ ଶାନ୍ତନୁ ପ୍ରଧାନ ନଂ.୧୯/୨୬ରେ ମକଦ୍ଦମା ରୁଜୁକରି ମୋହନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ମୋହନ ଜ୍ୱାଇଁଙ୍କୁ ଅପହରଣ କରି ନେଇ ମାରି ଦେଇ ନୂଆନଈରେ ଫିଙ୍ଗି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଜ୍ୱାଇଁଙ୍କୁ ମାରିସାରିବା ପରେ ମୋହନ ଫେରାର ହୋଇଯାଇ ବାହାର ରାଜ୍ୟକୁ ଚାଲିଯାଇଥିଲେ। ପୋଲିସ ଖବରପାଇ ମୋହନଙ୍କୁ ବାହାର ରାଜ୍ୟରୁ ୪୦ ଦିନ ପରେ ଗିରଫ କରି କୋର୍ଟଚାଲାଣ କରିଛି।

### ଚନ୍ଦ୍ରଭାଗା କୂଳରେ ଡଲଫିନ୍ ମୃତ

କୋଣାର୍କ,୧୮।୩(ଜ୍ୟୋତିରାଜ ମହାନ୍ତି): ଚନ୍ଦ୍ରଭାଗା ସମୁଦ୍ରକୂଳରେ ଏକ ଡଲଫିନ୍‌ର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ମୃତ୍ୟୁବରଣ କରିଥିବା ଡଲଫିନ୍ ବଟଲନୋଜ ପ୍ରଜାତିର ହୋଇଥିଲା ବେଳେ ଏମାନେ ସମୁଦ୍ର ନୀଳ ଜଳରାଶିରେ ଭାସୁଥିବା ଦୃଶ୍ୟମାନ ହୋଇଥିଲା। ମାଛଧରି ଫେରୁଥିବାବେଳେ କୂଳରେ ଭାସୁଥିବା ମୃତ ଡଲଫିନକୁ ଦେଖି ନୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଏହାକୁ କୂଳକୁ ଆଣିଥିଲେ। ଚନ୍ଦ୍ରଭାଗା ସମୁଦ୍ର ଜଳରାଶି ମଧ୍ୟରେ ପାଟ୍ରୋଲିଂ ହେଉ ନ ଥିବାରୁ ବେଆଇନ ଟ୍ରଲର୍ ଚଳାଚଳ ମାଫିଆମାନେ ସମୁଦ୍ରରେ ମାଛ ଧରିବା ଯୋଗୁ ଟ୍ରଲର୍ ମାଡ଼ରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ପ୍ରଭାବିତ ହେଉଥିବା ବେଳେ ଶତାଧିକ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁବରଣ କରୁଥିବା ନଜିର ରହିଛି। ଖବରପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୂର୍ବରୁ ନୋଳିଆଙ୍କ ଦ୍ୱାରା ଉଦ୍ଧାର ମୃତ ଡଲଫିନର ମୃତଦେହ ଜବତ କରି କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପରେ ପୋତା ଯାଇଥିଲା।

# ଅନୈତିକ କମିଟି ବୈଠକକୁ ସଭ୍ୟମାନଙ୍କୁ ବାରଣ

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାଁରେ ଚଞ୍ଚକତା

ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)



ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାମରେ ଚଞ୍ଚକତା କରି ଅନ୍ୟ ଏକ ସଂଘ ବୈଠକ କରିବାକୁ ଯାଉଛି। ଏହି ବୈଠକକୁ ମୂଳସଂଘର ସଭ୍ୟମାନେ ନ ଯିବା ପାଇଁ ସଂଘ ବୁଧବାର ଅପରାହ୍ନରେ ସିଟିରୋଡ୍ ୟୁଥ୍ ହଷ୍ଟେଲଠାରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ କୁହାଯାଇଛି, ୨୦୧୨ରୁ ଭବାନୀପାଟଣାଠାରେ ନିର୍ବାଚିତ ହୋଇଥିବା ପ୍ରାକ୍ତନ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତାଗଣ କୋଭିଡ୍ ଯୋଗୁ ନିର୍ବାଚନ କରିପାରି ନ ଥିଲେ। ୨୦୨୪ ମସିହାରେ ପୁରୀ ରେଲ୍‌ୱେ କଲ୍ୟାଣମଣ୍ଡପ ନିର୍ବାଚନକୁ ଭଣ୍ଡୁର କରିବା ପରେ ନୂତନ ଭାବେ ସମିତିରେ ପ୍ରବେଶ କରି ନିଜକୁ ସଭାପତି ଓ ସମ୍ପାଦକ ବୋଲାଉଛନ୍ତି। ୧୧।୦୮।୨୪ରେ ସାମ୍ବିଧାନିକ ଭାବେ କଟକ ବକ୍ସିବଜାର ବଢ଼େଇସାହି ମୋହନମଣ୍ଡପଠାରେ ଏକ ୧୪ଜଣିଆ ପ୍ରାଦେଶିକ କାର୍ଯ୍ୟନିର୍ବାହୀ କମିଟିର ପୂର୍ବତନ ସଭାପତି ବଟକୃଷ୍ଣ ଓଝା ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାରଣାଙ୍କଠାରୁ ଦାୟିତ୍ୱ ନୂତନ ଭାବେ ସଭାପତି ନିର୍ବାଚିତ ହୋଇଥିବା ସୂର୍ଯ୍ୟନାରାୟଣ ମହାରଣା ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କୁ ପ୍ରଦାନ କରିଥିଲେ। ସମିତି କାମରେ ଅନଧିକୃତ ଭାବେ ନିଜକୁ ସଭାପତି ବୋଲାଉଥିବା ରାମକୃଷ୍ଣ ମହାରଣା ଏବଂ ସମ୍ପାଦକ ପ୍ରଭାକର ମହାରଣା କଟକ ଆଇଜିଆର୍ ଉପଜିଲାପାଳଙ୍କ ଦ୍ୱାରା ଯାଞ୍ଚ କରାଇ ତାହା ଏକ ଅନୈତିକ ଓ ଅନୌପଚାରିକ କମିଟି ଘୋଷଣାକରି ତାଙ୍କ ଚିଠି ସଂଖ୍ୟା ୭୫୯୦/୭।୧୨।୨୪ ମାଧ୍ୟମରେ କଟକ ଆଡ୍‌ଭୋକେଟ ଜେନେରାଲଙ୍କୁ ସୂଚିତ କରିସାରିଛି। ଏହାପରେ ସେମାନେ ନାନା ଦୋଷାରୋପ କରି କଟକ ଜିଲା ନ୍ୟାୟାଳୟରେ ଆଶ୍ରୟ ନେଇ ଏକ ମକଦ୍ଦମା କରିଥିଲେ। ଏହାସତ୍ତ୍ୱେ ସେମାନେ ମୁଖ୍ୟାଳୟ ଠିକଣା ପରିବର୍ତ୍ତନ କରି ଘାଟିକିଆ ନାମରେ ଆମ ସମସ୍ତ ସଭ୍ୟଙ୍କୁ ପତ୍ର ଜରିଆରେ ୬୮ତମ ପ୍ରତିଷ୍ଠା ଦିବସ ନାମରେ ଆସନ୍ତା ୨୨ରେ ଭୁବନେଶ୍ୱର ରେଡ୍‌କ୍ରସ ଭବନଠାରେ ଉପସ୍ଥିତ ହେବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ପ୍ରଭାକର ମହାରଣା ଏବଂ ଅନ୍ୟମାନଙ୍କ ଦ୍ୱାରା ଆହୂତ ବୈଠକକୁ ତ୍ୱରିତ୍ ବେଆଇନ ଘୋଷଣାକରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ସେଠାକୁ କେହି ନ ଯାଆନ୍ତୁ ଏବଂ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେଲେ ଆମ୍ଭେ ଦାୟୀ ନୁହେଁ ବୋଲି ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜିତ୍



@ ଈପ୍‌ସିତା



@ କାଜଲ



@ ପ୍ରଭାତୀ



@ ପ୍ରିୟଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉନ୍ନତ ସାଇବର କ୍ରାଇମ୍, ଏଆଇ ପ୍ରଶିକ୍ଷଣ ଶେଷ



ପୁରୀ,୧୮।୩(ଅଜିତ୍ କୁମାର ମହାନ୍ତି)

ଜିଲାରେ ଆଧୁନିକ ସାଇବର ଅପରାଧ ଓ ଏଆଇ ସମ୍ପର୍କିତ ଏକ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୋଲିସ ଲାଇନ୍‌ଠାରେ ୧୬ ତାରିଖଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏସ୍‌ପି ପ୍ରତୀକ ସିଂ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣରେ ଜିଲାର ସମସ୍ତ ଥାନାଧିକାରୀ, ସାଇବର ପୋଲିସ ଷ୍ଟେଶନର ଡିଏସ୍‌ପି ରାଜକୁମାର ପରିଡ଼ା, ଆଇଆଇସି ଗୀତାଞ୍ଜଳି ନାୟକ ଏବଂ ବିଭିନ୍ନ ପୋଲିସ ଅଧିକାରୀ ଯୋଗଦେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ପୋଲିସ କର୍ମଚାରୀଙ୍କୁ ଆଧୁନିକ ସାଇବର ଅପରାଧ ତଦନ୍ତ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷିତ କରିବା ସହ ଟେକ୍ନୋଲୋଜି ଆଧାରିତ ତଦନ୍ତକୁ ଆହୁରି ସକ୍ଷମ କରିବା। ପ୍ରଶିକ୍ଷଣ ସମୟରେ ଆଇପି ଆନାଲିସିସ୍, ଆଇପି ଟ୍ରାକିଂ, ଏଚ୍‌ଏଲ୍‌ଆର, ଭିଏଲ୍‌ଆର ତଥ୍ୟ ବିଶ୍ଳେଷଣ, ଏମ୍‌ଏସି ଆଡ୍ରେସ୍ ଟ୍ରାକିଂ, ଆଇପିଡିଆର ଆନାଲିସିସ ଲୋକେଶନ ଟ୍ରାକିଂ ଓ ରିଭର୍ସ ଇଞ୍ଜିନିୟରିଂ ପରି ଅତ୍ୟାଧୁନିକ ତଦନ୍ତ ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା ଓ ପ୍ରାୟୋଗିକ ଶିକ୍ଷା ଦିଆଯାଇଥିଲା। ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ହେଉଥିବା ଅପରାଧ ଚିହ୍ନଟ କରିବା ପାଇଁ ଆବଶ୍ୟକ ଟେକ୍ନିକାଲ ଜ୍ଞାନ ଓ ପ୍ରାୟୋଗିକ କୌଶଳରେ ଅଂଶଗ୍ରହଣକରୀ ପାରଦର୍ଶିତା ଲାଭ କରିଥିଲେ। ଦେଶ ବାହାରୁ ଅପରାଧ କରୁଥିବା ଅଭିଯୁକ୍ତଙ୍କୁ ଗ୍ଲୋବାଲ ଡିଜିଟାଲ ଇଣ୍ଟେଲିଜେନ୍ସ ଓ ଆଧୁନିକ ଟୁଲ୍‌ସ ମାଧ୍ୟମରେ ଚିହ୍ନଟ ଓ ଟ୍ରାକ୍ କରିବା ପାଇଁ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷିତ କରାଯାଇଛି।

# ଡିଜେ ପାଇଁ ୨ ହଷ୍ଟେଲ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

- ପଥର, ବୋତଲ ମାଡ଼ରେ ୨୩ ଛାତ୍ର ଆହତ
- ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ, ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ

## ରାତିଅଧରେ ଅଶାନ୍ତ ହେଲା ବିଜେବି କଲେଜ



ବିଜେବି କଲେଜରେ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁବେଳେ ଭଙ୍ଗାଯାଇଥିବା ହୋର୍ଡିଂ।

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)

ପରୀକ୍ଷା ସମୟରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଶାନ୍ତ ହୋଇପଡ଼ିଛି। ରାତିରେ ଉଚ୍ଚ ଶବ୍ଦରେ ଡିଜେ ବାଜିବାକୁ ନେଇ ଅଶୋକା ଓ ଆମ୍ବେଡକର ହଷ୍ଟେଲର ଛାତ୍ରମାନେ ମୁହାଁମୁହିଁ ହୋଇଛନ୍ତି। ପଥର ଓ ବୋତଲ ମାଡ଼ରେ ଉଭୟ ହଷ୍ଟେଲର ପ୍ରାୟ ୨୩ଜଣ ଛାତ୍ର ଆହତହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଗତ ମଙ୍ଗଳବାର ଅଶୋକା ହଷ୍ଟେଲର ଛାତ୍ରମାନେ ଏକ ଫେଆର୍‌ୱେଲ୍ ପାର୍ଟିର ଆୟୋଜନ କରିଥିଲେ। ରାତିରେ ଡିଜେ ନାଇଟ୍ କରିବା ସହ ଉଚ୍ଚ ସ୍ୱରରେ ନାଚଗୀତ କରିଥିଲେ। ପରୀକ୍ଷା ଚାଲୁଥିବାରୁ ଆମ୍ବେଦକର ହଷ୍ଟେଲ ପିଲାମାନେ ଡିଜେ ବନ୍ଦ କରିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଏନେଇ ବଡ଼ଗଡ଼ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଡିଜେ ବନ୍ଦ କରିଥିଲା। ମାତ୍ର ପୋଲିସ ଯିବା ପରେ ଅଶୋକା ହଷ୍ଟେଲରେ ପୁଣି ଉଚ୍ଚ ଶବ୍ଦରେ ଗୀତବାଜିବାରୁ ଆମ୍ବେଡକର ହଷ୍ଟେଲର ଛାତ୍ରମାନେ ପ୍ରତିବାଦ କରିଥିଲେ। ଅପରପକ୍ଷରେ ଅଶୋକା ହଷ୍ଟେଲ ପିଲାଙ୍କ କହିବା କଥା ପୂର୍ବରୁ ଆମ୍ବେଡକର ହଷ୍ଟେଲ ପିଲାମାନେ ମଧ୍ୟ ଫେଆରୱେଲ୍ ପାର୍ଟି କରିଥିଲେ। ସେହି ସମୟରେ ଅଶୋକା ହଷ୍ଟେଲ ପିଲାଙ୍କ ପରୀକ୍ଷା ଚାଲିଥିଲା। ସେମାନେ ଯେହେତୁ କୌଣସି ଅଭିଯୋଗ କରି ନ ଥିଲେ, ତେଣୁ ଏବେ ଆମ୍ବେଦକର ହଷ୍ଟେଲ ପିଲା କାହିଁକି ବିରୋଧ କରୁଛନ୍ତି ବୋଲି ଯୁକ୍ତି ବାଢ଼ିଥିଲେ। ଯୁକ୍ତିତର୍କ ଧୀରେ ଧୀରେ ସଂଘର୍ଷରେ ପରିଣତ ହୋଇଥିଲା। ଅଶୋକା ହଷ୍ଟେଲ ଉପରେ ଆମ୍ବେଦକର ହଷ୍ଟେଲ ପଟୁ ପ୍ରବଳ ପଥର ଓ ବୋତଲ ମାଡ଼ କରାଯିବା ସହ ଲୁହା ରଡ଼୍‌ରେ ମଧ୍ୟ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷରୁ ପ୍ରାୟ ୨୩ରୁ ଅଧିକ ଛାତ୍ର ଆହତ ହୋଇଥିଲେ। ଏହି ଘଟଣା ପରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ହଷ୍ଟେଲ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହୋଇଛନ୍ତି। ଏହାସହ ଘଟଣାର ତଦନ୍ତ ପାଇଁ କଲେଜ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ଭୋଳଙ୍କ ଅଧ୍ୟକ୍ଷତାରେ ୪ଟି ହଷ୍ଟେଲର ଅଧୀକ୍ଷକ ଓ ଅନ୍ୟ ସଦସ୍ୟ ରହିଛନ୍ତି । ବୁଧବାର କମିଟିର ଏକ ବୈଠକ ଅନୁଷ୍ଠିତ ହେବା ସହ ଗଣ୍ଡଗୋଳର ମୂଳ କାରଣ ଓ ବିଭିନ୍ନ ଦିଗ ଉପରେ ଆଲୋଚନା ହେବ। ତେବେ ଏହି ଘଟଣାକୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭୋଳ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ନିର୍ଦ୍ଦିଷ୍ଟ କାରଣ ଜଣାପଡିବା ପରେ ପୋଲିସ ନିକଟରେ ବିଧିବଦ୍ଧ ଅଭିଯୋଗ କରାଯିବ। ୨୪ ଘଣ୍ଟା ମଧ୍ୟରେ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ୩୨ତମ 'ଗୁରୁ ପଙ୍କଜ ଉତ୍ସବ'ର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିଳ୍ପୀ। (ଫଟୋ- ବିକାଶ ନାୟକ

# ଶିଳ୍ପୀଙ୍କ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ

## 'ଗୁରୁ ପଙ୍କଜ ଉତ୍ସବ'ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୮।୩ (ସୌମ୍ୟରଞ୍ଜନ ରାଉତ)

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୨ତମ 'ଗୁରୁ ପଙ୍କଜ ଉତ୍ସବ'ର ବୁଧବାର ଥିଲା ଦ୍ୱିତୀୟ ସଂଧ୍ୟା। ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ମର୍ଦ୍ଦଳବାଦକ ଧନେଶ୍ୱର ସ୍ୱାଇଁ, ଏସ୍ଏନ୍ ମହାନ୍ତି ଗ୍ରୁପ୍ ଅଫ୍ କମ୍ପାନୀର ଚେୟାରମ୍ୟାନ ଡ. ପ୍ରଦୀପ ମହାନ୍ତି, ସାମାଜିକ କର୍ମୀ ଦୀପ୍ତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବ ନୃତ୍ୟଶିଳ୍ପୀ ସୌମ୍ୟା ସୁଚରିତା ପାଲଙ୍କ ଦ୍ୱାରା ବୃନ୍ଦା ପରିବେଷଣ ହୋଇଥିଲା। ଟି ରେଞ୍ଜୀ ଲକ୍ଷ୍ମୀ କୁଚିପୁଡି ନୃତ୍ୟରେ ଆଜ୍ ଆହେ ଶ୍ୟାମ ମୋହନ, ପ୍ରହ୍ଲାଦ ନାଟକମ୍ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ସେହିପରି ବନ୍ଦିତା ଘୋସେଲଙ୍କ ଦ୍ୱାରା ବନାଲତା ଦାମିନୀ, ଚିନ୍ମୟୀ ତ୍ରିପାଠୀଙ୍କ ଦ୍ୱାରା ଶିବାଷ୍ଟକ, ନୃତ୍ୟଶିଳ୍ପୀ ଆଶା ମଧୁରାଷ୍ଟକ, ଯୁବ ନୃତ୍ୟଶିଳ୍ପୀ ରିଙ୍କୁ ସାହୁ ତାଣ୍ଡବ ଲାସ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦର୍ଦ୍ଦ, ଉପଦେଷ୍ଟା ବଟକୃଷ୍ଣ ତ୍ରିପାଠୀ, ଅଧକ୍ଷା ସୁହାଗ ନଳିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱଜିତ୍ ବଳିୟାରସିଂ, ସ୍ମିତା ଦାସ ସଂଯୋଜନା କରିଥିଲେ।



ଜଣେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଇଦ୍-ଉଲ-ଫିତର, ରାମ ନବମୀରେ ମାଟ୍ରିକ ଖାତା ଦେଖିବେ ଶିକ୍ଷୟିତ୍ରୀଶିକ୍ଷକ

## ଅସନ୍ତୋଷ ପ୍ରକାଶ କଲା ଶିକ୍ଷକ ସଂଘ

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)

ଚଳିତବର୍ଷ ଦଶମ ବୋର୍ଡ ବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ୧୯ ତାରିଖ ଗୁରୁବାରଠାରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନୋଟିସ ଜାରି କରାଯାଇଛି। କିନ୍ତୁ ଏହା ଭିତରେ ଅର୍ଥାତ୍ ଆସନ୍ତା ୨୧ ତାରିଖରେ ଇଦ୍-ଉଲ ଫିତର ଓ ୨୭ରେ ରାମ ନବମୀ ପଡୁଥିଲେ ମଧ୍ୟ ଉକ୍ତଦିନ ଖାତାଦେଖା ଚାଲିବ। ତେବେ ଛୁଟି ଦିନରେ ଖାତାଦେଖାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ କହିଛନ୍ତି, ଏହି ଦୁଇଦିନ ହେଉଛି ସରକାରୀ ଛୁଟି। ରାଜ୍ୟ ସରକାର ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଛୁଟି ଘୋଷଣା ସହିତ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଏହି ଦୁଇ ଛୁଟିରେ ୫୧ଟି ମୂଲ୍ୟାଙ୍କନ କେନ୍ଦ୍ରରେ ଶିକ୍ଷୟିତ୍ରୀଶିକ୍ଷକମାନେ ଖାତା ଦେଖିବେ, ଯାହା ମାନବିକ ଅଧିକାର ଓ ଶ୍ରମ ଆଇନକୁ କ୍ଷୁଣ୍ଣ କରୁଛି। ମାନସିକ ଅଶାନ୍ତିରେ ଖାତା କିପରି ଦେଖିବେ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏନେଇ ଓଡିଶା ସରକାରୀ ହାଇସ୍କୁଲ ଏନ.ପି.ଏସ. ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ବୋର୍ଡର ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛୁ। ଯଦି ଏହି ସମସ୍ୟାର କିଛି ସମାଧାନ ନ ହୁଏ ତା'ହେଲେ ବାଧହୋଇ ଆମେ ଆନ୍ଦୋଳନ ସହ ଆଇନର ଆଶ୍ରୟ ନେବୁ। ଶିକ୍ଷୟିତ୍ରୀଶିକ୍ଷକମାନେ ସଦାବେଳେ ଛାତ୍ରୀଛାତ୍ରଙ୍କ ବିକାଶ ଚାହାନ୍ତି। ତା'ମାନେ ନୁହେଁ ଯେ, ସେମାନେ ମାନସିକ ଅଶାନ୍ତିରେ ଖାତା ଦେଖିବେ। ସେମାନଙ୍କର ମାନବିକ ଅଧିକାରକୁ ଜାଣିଶୁଣି କ୍ଷୁଣ୍ଣ କରାଯିବା ଠିକ୍ ନୁହେଁ ବୋଲି ପ୍ରଧାନ କହିଛନ୍ତି।

# ନନ୍ଦନକାନନରେ ଶାଗୁଣା ସଂଖ୍ୟା ୧୧କୁ ବୃଦ୍ଧି

ବାରଙ୍ଗ,୧୮।୩(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନ ପାଇଁ ଖୁସି ଖବର। ଦୀର୍ଘଦିନର ବ୍ୟବଧାନ ପରେ ଶାଗୁଣା ପ୍ରଜନନ କେନ୍ଦ୍ରରେ ଗୋଟିଏ ଶାଗୁଣା ଛୁଆ ଜନ୍ମ ନେଇଛି। ଫଳରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ବିଶ୍ୱରେ ଶାଗୁଣା ବଂଶ ଲୋପ ପାଇଯାଉଥିବାବେଳେ ସିଜେଡ୍ଏ ଅନୁମତି କ୍ରମେ ୨୦୧୨ରେ ନନ୍ଦନକାନନ ଉଦ୍ଭିଦ ଉଦ୍ୟାନରେ ଶାଗୁଣା ପ୍ରଜନନ କେନ୍ଦ୍ର ଖୋଲାଯାଇଥିଲା। ଏମାନଙ୍କ ବଂଶ ବିସ୍ତାର କରିବା ମୁଖ୍ୟ ଲକ୍ଷ୍ୟ ରହିଥିଲା, ଯାହା ସଫଳ ହୋଇଛି। ଏହି କେନ୍ଦ୍ରରେ ୨୦୨୫ ଡିସେମ୍ବରରୁ ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ ଯୋଡ଼ା ୪୨ ପୁରୁଷ ଓ ୪୬ ମାଈ ଶାଗୁଣାଙ୍କୁ ଏକାଠି କରାଯାଇଥିଲା। ଜାନୁଆରୀ ୧୬ରେ ଲମ୍ବାଥଣ୍ଟିଆ ପ୍ରଜାତିର ଶାଗୁଣା ଅଣ୍ଡା ଦେଇଥିଲେ ଏବଂ ମାର୍ଚ୍ଚ ୧୧ରେ ଛୁଆ ଫୁଟି ବାହାରିଥିଲେ। ବର୍ତ୍ତମାନ ଛୁଆ ସୁସ୍ଥ ଥିବାବେଳେ କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ସିସିଟିଭି ନଜରରେ ସେମାନଙ୍କ ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ଏବେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଲମ୍ବାଥଣ୍ଟିଆ ଶାଗୁଣା ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୫ ପୁରୁଷ, ୫ ମାଈ ଓ ଗୋଟିକର ଲିଙ୍ଗ ନିରୂପଣ କରାଯାଇ ନ ଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କେଏଲ୍ଏଫ୍ ବୁକ୍ ଆୱାର୍ଡସ୍ ଘୋଷଣା

ଭୁବନେଶ୍ୱର,୧୮।୩(ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍ଏଫ୍) ପକ୍ଷରୁ ୨୦୨୫ ସାହିତ୍ୟ ବର୍ଗରେ ପ୍ରକାଶିତ ଉଲ୍ଲେଖନୀୟ ପୁସ୍ତକଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ବୁଧବାର କେଏଲ୍ଏଫ୍ ବୁକ୍ ଆୱାର୍ଡସ ୨୦୨୬ ଘୋଷଣା କରାଯାଇଛି। ତାଲିକାରେ ପ୍ରତିଷ୍ଠିତ ଲେଖକଙ୍କ ଫିକ୍ସନ୍, ନନ୍-ଫିକ୍ସନ୍, କବିତା, ଅନୁବାଦ, ଡେବ୍ୟୁ ଓ ଶିଶୁ ସାହିତ୍ୟ ଅନ୍ତର୍ଭୁକ୍ତ ରହିଛି। ସେଗୁଡିକ ମଧ୍ୟରେ ଅରୁନ୍ଧତୀ ରାୟଙ୍କ 'ମଦର ମ୍ୟାରୀ କମ୍‌ସ ଟୁମି', ପଙ୍କଜ ମିଶ୍ରଙ୍କ 'ଦ ୱାର୍ଲ୍ଡ ଆଫ୍ଟର ଗାଜା', ଶ୍ରୀନାଥ ରାଘବନଙ୍କ 'ଇନ୍ଦିରା ଗାନ୍ଧୀ ଆଣ୍ଡ ଦ ଇୟର୍ସ ଦ୍ୟାଟ୍ ଟ୍ରାନ୍ସଫର୍ମଡ୍ ଇଣ୍ଡିଆ', ଆନନ୍ଦ ତେଲ୍‌ତୁମ୍ବଡେଙ୍କ 'ଦ ସେଲ୍ ଆଣ୍ଡ ଦ ସୋଲ', ଅନୁରାଧା ରୟଙ୍କ କଲ୍‌ଡ ବାଏ ଦ ହିଲ୍‌ସ, କିରନ ଦେଶାଇଙ୍କ 'ଦ ଲୋନ୍‌ଲି ଅଫ ସୋନିଆ ଆଣ୍ଡ ସନି, ଜିତ୍ ଥ୍ୟାଲିଙ୍କ 'ଦ ଏଲ୍‌ସ ହ୍ୱେୟାରିଆନସ୍', ରାହୁଲ ଭଟ୍ଟାଚାର୍ଯ୍ୟଙ୍କ 'ରେଲ୍‌ସଙ୍ଗ', କାବେରୀ ନାମ୍ବିସାନଙ୍କ 'ରାଇଜିଙ୍ଗ ସନ୍‌ସ' ଓ ରୁଚିର ଯୋଷୀଙ୍କ 'ଗ୍ରେଟ୍ ଇଷ୍ଟର୍ଣ୍ଣ ହୋଟେଲ' ଆଦି ଲୋକପ୍ରିୟ ଅନୁବାଦ ଅନ୍ତର୍ଭୁକ୍ତ ରହିଛି। କେଏଲ୍ଏଫ୍ ବୁକ ଆୱାର୍ଡସ ୨୦୨୬ ପାଇଁ ଶର୍ଟଲିଷ୍ଟ ଏପ୍ରିଲ ୨ୟ ସପ୍ତାହରେ ଘୋଷଣା କରାଯିବ। ସେହିପରି ବିଜେତାଙ୍କୁ ମେ' ୯ରେ ନୂଆଦିଲୀସ୍ଥିତ ଇଣ୍ଡିଆନ୍ ହାବିଟାଟ ସେଣ୍ଟରଠାରେ ସମ୍ମାନିତ କରାଯିବ ବୋଲି କେଏଲ୍ଏଫ୍‌ର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡା ସୂଚନା ଦେଇଛନ୍ତି।

# ଆକର୍ଷଣ ସାଜିଲା ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ବଂଶୀବାଦନ

## 'ଜୟଦେବ ସମାରୋହ'ର ୩ୟ ସନ୍ଧ୍ୟା

ଭୁବନେଶ୍ୱର,୧୮।୩ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ର ଉତ୍କଳ ମଣ୍ଡଠାରେ ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଡ. ସ୍ମିତା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ମର୍ଦ୍ଦଳ ବାଦକ ସଚ୍ଚିଦାନନ୍ଦ ଦାସ, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁ ଡ଼. ଚିତ୍ତରଞ୍ଜନ ପାଣି ପ୍ରମୁଖ ଯୋଗଦେଇ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା, ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଆଦି ଉପରେ ଆଲୋକପାତ କରିଥିଲେ। ଏଥିସହ ଶ୍ରୀ ଜଗନ୍ନାଥ ସଂସ୍କୃତି, ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ଆମ ଅନନ୍ୟ ପରମ୍ପରା ଯୋଗୁ ଓଡ଼ିଶା ଆଜି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀ ତଥା କଣ୍ଠଶିଳ୍ପୀ ମନସିନୀ ଭୁଜବଳଙ୍କୁ ତାଙ୍କର ସଫଳତା ପାଇଁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁରୁ ଚନ୍ଦନ କୁମାର ଜେନା ଓ ଗୁରୁ ଧୃତିମୟ ବେହେରାଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ 'ସମବେତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ' ପରିବେଷଣ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା 'ସମବେତ ହିନ୍ଦୁସ୍ଥାନୀ ବଂଶୀ ବାଦନ' ପରିବେଷଣ କରାଯାଇଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରୀନିବାସ ଶତପଥୀ। ଶେଷରେ ଗୁରୁ ବିଭୂତି ଭୂଷଣ ବଳବନ୍ତରାୟଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର 'ସମବେତ ମର୍ଦ୍ଦଳ ବାଦନ' ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ପରିଚାଳନା କରିଥିଲେ।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ 'ସମବେତ ହିନ୍ଦୁସ୍ଥାନୀ ସଙ୍ଗୀତ' ପରିବେଷଣ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିଜିତ୍



@ ଶତ୍ପସିତା



@ କାଜଲ



@ ପ୍ରଭାତୀ



@ ପ୍ରିୟଦର୍ଶିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ଡ୍ୟୁସେନ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନର ଦାବିପତ୍ର

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)



ଲୋୟର ପିଏମ୍‌ଜିଠରେ ଧାରଣାରେ ବସିଥିବା ଦିବ୍ୟାଙ୍ଗ ପିଲାମାନେ।

ଓଡ଼ିଶା ଡ୍ୟୁସେନ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏସନର ସଦସ୍ୟମାନେ ସେମାନଙ୍କର ଦିବ୍ୟାଙ୍ଗ ପିଲାମାନଙ୍କୁ ଧରି ବୁଧବାର ଲୋୟର ପି.ଏମ୍.ଜିଠାରେ ଧାରଣା ଦେଇଥିଲେ। ଡ଼ି.ଏମ୍.ଡି ଏକ ଆନୁବଂଶିକ ରୋଗ ଯାହା ପିଲାଙ୍କର ମାଂସପେଶୀକୁ କ୍ରମଶଃ ଦୁର୍ବଳ କରିଥାଏ। ଏହି ରୋଗରେ ଆକ୍ରାନ୍ତ ପିଲାମାନେ ୧୦ରୁ ୧୨ ବର୍ଷ ବୟସରେ ହ୍ୟୁଇଲ ଚେୟାର ଉପରେ ନିର୍ଭର କରନ୍ତି। ଆମେରିକାରୁ ଏହି ଜିନ ଥେରାପି ପ୍ରକ୍ରିୟାକୁ ସାମ୍ବିଧାନିକ ଓ ସରକାରୀ ଭାବେ ଭାରତ/ଓଡିଶାକୁ ଆଣି ଆମ ପୀଡିତ ସନ୍ତାନଙ୍କୁ ଚିକିତ୍ସାର ସୁଯୋଗ ଦେବା ସହିତ ମାଂସପେଶୀ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଶିଶୁ(ଡିଏମ୍‌ଡି)ଙ୍କୁ ଏକକାଳୀନ ପଚାଶ ଲକ୍ଷ ଟଙ୍କାର ଜୀବନ ବୀମା ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ମାଂସପେଶୀ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଶିଶୁମାନଙ୍କୁ ମାସିକ ୧୫ ହଜାର ଟଙ୍କା ଚିକିତ୍ସା ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି। ପ୍ରସବ ପୂର୍ବରୁ ଓ ପରେ ନିଃଶୁଳ୍କ ଜେନେଟିକ (ଡିଏମ୍‌ଡି)ପରୀକ୍ଷା ସୁଯୋଗ ଦିଆଯାଉ। ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମସ)କୁ (ଡିଏମଡି)କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯାଉ ବୋଲି ଆସୋସିଏସନର ସଭାପତି ବିଷ୍ଣୁ ଚରଣ ପାଣୀଗ୍ରାହୀ କହିଛନ୍ତି।

ସକାଳୁ ନିତ୍ୟକର୍ମ ଆରମ୍ଭ କରି ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ଏହି ରୋଗୀଙ୍କ ପାଖେ ପାଖେ ରହିବା ସବୁବେଳେ ହୋଇପାରୁନାହିଁ। ପିଲାମାନଙ୍କର ଛାତ ଗୋଡ଼ରେ ମାଂସପେଶୀ ଦୁର୍ବଳ ହେବା କାରଣରୁ ଚାଲୁଥିବା ଅବସ୍ଥାରେ ପଡ଼ିଯିବା, ଖାଇବା, ପିଇବା ଏପରିକି ମଶା ମାରିବା ପାଇଁ ମଧ୍ୟ ସେମାନେ ସମର୍ଥ ହୋଇପାରୁ ନାହାନ୍ତି, ତେଣୁ ସରକାର ଏମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।

# ଶରଧାପୁର ୧୪ ଦୋଳ ମେଳଣ: ଭକ୍ତ-ଭଗବାନ୍‌ଙ୍କ ମିଳନ କ୍ଷେତ୍ର

**ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ୍ ନାଳିପଡ଼ା ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ୧୪ ଦୋଳ ମେଳଣ ପାଇଁ ମେଳନ ପଡ଼ିଆ ଚଳଚଞ୍ଚଳ ହୋଇଉଠିଛି। ଠାକୁରମାନଙ୍କ ଜୟଜୟକାର ଧ୍ୱନି ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଝଲସୁଛି ମେଳଣ ପଡ଼ିଆ। ଶ୍ରୀବାଲୁଙ୍କେଶ୍ୱର ଦେବ ମେଳଣ କମିଟି ଓ ଗ୍ରାମ୍ୟ କମିଟି ଦ୍ୱାରା ୩ଦିନ ଧରି ଏହି ମେଳଣ ଆୟୋଜିତ ହୋଇଥାଏ। ପ୍ରଥମ ଦିନ ରାତିରେ ଜମାଣ, ପରଦିନ ମେଳଣ ଏବଂ ଶେଷ ଦିବସରେ ହରିହର ଭେଟ ନୀତି ପରେ ଉତ୍ସବ ସମାପନ ହୋଇଥାଏ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ କୀର୍ତ୍ତନ ଉତ୍ସବ ହେବା ସହ ମିନାବଜାର ଓ ଦୋକାନବଜାରରେ ଗହଳଚହଳ ଲାଗେ।

ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ମହାଦେବ ହେଉଛନ୍ତି ଥାନପତି। ବୁଧବାର ମଧ୍ୟରାତ୍ରିରେ ବାଲୁଙ୍କେଶ୍ୱର ସୁସଜ୍ଜିତ ବିମାନରେ ବିଜେ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ ସହ ଭକ୍ତଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ସ୍ୱମନ୍ଦିରରୁ ବାହାରି ଗାଁ ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ବାଲୁଙ୍କେଶ୍ୱରଙ୍କ ନିମନ୍ତ୍ରଣ ପାଇ ୧୬ଟି ଗ୍ରାମର ଠାକୁର ମେଳଣ ପଡ଼ିଆରେ ଏକାଠି ହୋଇଛନ୍ତି। ୨୧ ତାରିଖରେ ହରିହର ଭେଟ ନୀତି, ଅବିର ଖେଳ ହେବ। ପରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ମେଳରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଲେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜର ବାଲୁଙ୍କେଶ୍ୱର, ଟାଙ୍ଗିଆପଡ଼ାର କେଦାରଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡ଼ା ଅର୍ଜ୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଲମାର ଭାଗବତ ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦୀପଦାର ମଲିକେଶ୍ୱର, ଗଡ଼ତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁରର ଭଗବତ ବାସୁଦେବ, ରାଧାକୃଷ୍ଣ ଏବଂ ଭାଲିଆବାଡ଼ି (ସାନପଲ୍ଲା)ର ରାଧାକୃଷ୍ଣ ଦେବ ପ୍ରମୁଖ ବିଜେ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା କୁହନ୍ତି, ଶରଧାପୁର ଗ୍ରାମ ୧୪ ଦୋଳ ମେଳଣ ଦୀର୍ଘ ବର୍ଷ ଧରି ପରମ୍ପରା ଓ ସଂସ୍କୃତିକୁ ଯୋଡ଼ି ରଖିଛି। ସେହିପରି ସାମାଜିକ କର୍ମୀ ଜିତେନ୍ଦ୍ର ବେହେରା କୁହନ୍ତି, ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗାଁର ଗ୍ରାମବାସୀଙ୍କ ମିଳନ ଘଟିଥାଏ। ପରସ୍ପର ମଧ୍ୟରେ ଭାଇଚାରା ଓ ଭାବର ଆଦାନ ପ୍ରଦାନ ଘଟିଥାଏ। ଭକ୍ତ ଓ ଭଗବାନ୍‌ଙ୍କ ଏକ ଅପୂର୍ବ ମିଳନ କ୍ଷେତ୍ର ହେଉଛି ଦୋଳ ମେଳଣ। ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଛନ୍ତି, ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ଦୋଳ ଉତ୍ସବ ଜଡ଼ିତ। ଏହି ସମୟରେ ଏକ ଅପୂର୍ବ ଆନନ୍ଦ ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପୁରୀ ଏମ୍‌ପି

## ମାଲୁଦ ପଞ୍ଚଦୋଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କଲେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ସାକ୍ଷାତ୍ କରୁଛନ୍ତି।

**କୃଷ୍ଣପ୍ରସାଦ,୧୮।୩ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦରେ ଅନୁଷ୍ଠିତ ଐତିହାସିକ ପଞ୍ଚଦୋଳ ମେଳଣ ଓ ପରମ୍ପରା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ଭେଟି ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ତଥ୍ୟ ଉପସ୍ଥାପନ କରିଥିବା ଜଣାପଡ଼ିଛି। ଏମ୍‌ପି ପାତ୍ର ପଞ୍ଚଦୋଳ ମେଳଣର ପରମ୍ପରା, କଳା ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା ସହ ପଞ୍ଚଦୋଳ ମେଳଣର ଫଟୋ ପ୍ରଦାନ କରିଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଓଡ଼ିଶାର କଳା ସଂସ୍କୃତି ଓ ପଞ୍ଚଦୋଳ ମେଳଣ ଐତିହ୍ୟ ସମ୍ପର୍କରେ ଅବଗତ ହେବା ପରେ ଖୁସି ବ୍ୟକ୍ତ କରିବା ସହ ଏଥିନିମନ୍ତେ ତାଙ୍କୁ କୃତଜ୍ଞତା ଜଣାଇଥିଲେ। କୃଷ୍ଣପ୍ରସାଦ ବ୍ଲକ୍‌ର ସମୃଦ୍ଧ କଳା, ସଂସ୍କୃତି ଓ ଗରିମାକୁ ଏମ୍‌ପି ପାତ୍ର ଜାତୀୟ ସ୍ତରରେ ଉପସ୍ଥାପନ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ସବିଶେଷ ସୂଚନା ଦେଇଥିବାରୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା ପ୍ରମୁଖ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ, ବଡ଼ଝାଡ଼ ସରପଞ୍ଚ ସୁମିତ୍ରା ପାହାଣ, ସମିତିସଭ୍ୟ ଉମାକାନ୍ତ ସେଠୀ, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ ଓ ସିଆଳ ସମିତିସଭ୍ୟ ଭୀମସେନ ସେଠୀ ମଧ୍ୟ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଗ୍ନିକାଣ୍ଡ ମୃତକଙ୍କ ପରିବାରକୁ ଭେଟିଲେ ଖୋର୍ଦ୍ଧା ବିଧାୟକ



ମୃତକଙ୍କ ପରିବାର ସଦସ୍ୟଙ୍କୁ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଭେଟୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଲେ

**ବୋଲଗଡ଼,୧୮।୩(ଦେବବ୍ରତ ହୋତା)**

ବୋଲଗଡ଼ ତହସିଲ ଅନ୍ତର୍ଗତ ସାନପଦର ଗ୍ରାମପଞ୍ଚାୟତ ସାନପଦର ଗ୍ରାମରେ ଗତ ଶନିବାର ରାତିରେ ଦୋକାନରେ ଶୋଇଥିବା ଅବସ୍ଥାରେ ଅଗ୍ନିକାଣ୍ଡ ଯୋଗୁ ରାଜେଶ ସାହୁ ଓ ପୁଅ ଲକ୍ଷ୍ମୀଧର ସାହୁ ପ୍ରାଣ ହରାଇଥିଲେ। ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଘରେ ବୁଧବାର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ପହଞ୍ଚି ଗଭୀର ସମବେଦନା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହଯୋଗ ଯୋଗାଇଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହଧର୍ମିଣୀ ଓ ସାମାଜିକ କର୍ମୀ ଅର୍ଜ୍ଜୁନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ସାମାଜିକ କର୍ମୀ ମାନସ ବେହେରା ପହଞ୍ଚି ଦୁଃଖ ପ୍ରକାଶ କରିଥିବାବେଳେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ସମ୍ପୃକ୍ତ ପରିବାରବର୍ଗଙ୍କୁ ଭେଟି ଆଶ୍ୱାସନା ଜଣାଇଥିଲେ।

# ସାମ୍ବାଦିକ ସଂଘର ପ୍ରତିବାଦ ପରେ ନରମିଲା ପ୍ରଶାସନ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)**

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ଏବଂ ଜିଲା ସଭାପତିଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଭିତ୍ତିକରି ଜିଲାପାଳଙ୍କ ନିର୍ଦ୍ଦେଶରେ ଶାଖା ସଭାପତିଙ୍କ କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ପ୍ରଶାସନ ଉଠାଇଥିବା ପ୍ରଶ୍ନକୁ ବୁଧବାର ସଂଘ ତରଫରୁ ତୀବ୍ର ବିରୋଧ କରାଯାଇଛି। ସଂଘ ସହ ଜଡ଼ିତ ଏକାଧିକ ଖବରଦାତା ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭକରିବା ସହ ଧାରଣା ଦେଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦେଇଥିଲେ। ଖବରଦାତାମାନଙ୍କ ପ୍ରତିବାଦ ପରେ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ନୋଟିସକୁ ପ୍ରତ୍ୟାହାର କରି ନିଆଯାଇଛି। ବୁଧବାର ପୂର୍ବାହ୍ନରେ ଉପରୋକ୍ତ ଘଟଣା ସମ୍ପର୍କରେ ଏକ ପ୍ରତିବାଦ ସଭା ଖୋର୍ଦ୍ଧା ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ସମେତ ଭୁବନେଶ୍ୱର, ପୁରୀ, କଟକ, ଯାଜପୁର, ନୟାଗଡ଼, ଟାଙ୍ଗୀ, ବାଣପୁର, ଚିଲିକା, ବୋଲଗଡ଼, ବେଗୁନିଆ ପ୍ରଭୃତି ଅଞ୍ଚଳରୁ ବହୁ ସଂଖ୍ୟାରେ ସଂଘର ସଦସ୍ୟ ଏକତ୍ରିତ ହୋଇ ବିରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ଡ. ପୀତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ ମୁଦୁଲି ପ୍ରମୁଖ ଜିଲା ପ୍ରଶାସନର ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ପ୍ରଶାସନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଥଲେ। ନଚେତ୍ ଆଗାମୀ ଦିନରେ ଏହା ତୀବ୍ର ରୂପ ଧାରଣ କରିବ ବୋଲି ଚେତାବନୀ ଦେଇଥିଲେ।

# ଚୈତ୍ର ଶୁକ୍ଳ ପ୍ରତିପଦାକୁ ସରକାରୀ ଛୁଟି ଘୋଷଣା ଦାବି

**ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)**

ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଉଥିବାବେଳେ ଆମ ସଂସ୍କୃତି ପାଇଁ ଅତ୍ୟନ୍ତ ପବିତ୍ର ତଥା ଗୌରବମୟ ଦିବସ। ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଚୈତ୍ର ଶୁକ୍ଳ ପ୍ରତିପଦା ଦିନ ଓଡ଼ିଶାରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ଅନ୍ୟ ସଂସ୍ଥାଗୁଡ଼ିକୁ ଛୁଟି ଘୋଷଣା କରିବାକୁ ବୁଧବାର ବିଶ୍ୱହିନ୍ଦୁ ପରିଷଦର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି, ପ୍ରତିପଦା ହେଉଛି ସୃଷ୍ଟିର ସର୍ଜନା ଦିବସ ଓ କାଳଗଣନାର ପ୍ରାରମ୍ଭ ଦିବସ। ଏହି ଦିବସରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ କାଳଗଣନା, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ଚୈତ୍ର ନବରାତ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ହୋଇଥିଲାବେଳେ ଆର୍‌ଏସ୍‌ଏସ୍ ସଂସ୍ଥାପକ ଡ. କେଶବ ବଳିରାମ ହେଡ଼୍‌ଗୱାରଙ୍କ ଜନ୍ମଦିବସ ଏବଂ ସନ୍ଥ ଝୁଲେଲାଲଙ୍କ ଜୟନ୍ତୀ। ତେଣୁ ଏହି ଦିବସକୁ ଛୁଟି ଘୋଷଣା କରାଗଲେ ଓଡ଼ିଶାବାସୀ ସମ୍ମାନର ସହ ପାଳନ କରିପାରିବେ ବୋଲି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭିଏଚ୍‌ପି ଜିଲା ପ୍ରଚାର ପ୍ରମୁଖ କେ. ଆଦର୍ଶ ଅଂଶୁମାନ, ଖୋର୍ଦ୍ଧା ପ୍ରଖଣ୍ଡ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ବେହେରା, ଜିଲା କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବଜରଙ୍ଗ ଦଳ ଜିଲା ସହସଂଯୋଜକ ଏସ୍‌ଏମ୍ ଦିବ୍ୟପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜିତ୍



@ ଈପ୍‌ସିତା



@ କାଜଲ



@ ପ୍ରଭାତୀ



@ ପ୍ରିୟଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିବ ପ୍ରତିଭା ଅନ୍ୱେଷଣ

**ବୋଲଗଡ଼,୧୮।୩(ଦେବବ୍ରତ ହୋତା)**

ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ମାଣିବନ୍ଧସ୍ଥିତ ଦଦରାକାନ୍ଥ ଆଶ୍ରମ ବିଦ୍ୟାଳୟ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ବୁଧବାର ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ସଦାନନ୍ଦ ନାୟକଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଭା ଅନ୍ୱେଷଣ ଦ୍ୱାରା ବିଦ୍ୟାର୍ଥୀଙ୍କୁ ଉପଯୁକ୍ତ ମଞ୍ଚ ପାଇଁ ପ୍ରୋତ୍ସାହିତ କରିଥାଏ ବୋଲି କହିଥିଲେ। ମାଣିବନ୍ଧ ପଞ୍ଚାୟତର ସରପଞ୍ଚ ସୁନନ୍ଦା ବରାଳ ମୁଖ୍ୟବକ୍ତା, ବୋଲଗଡ଼ ମଣ୍ଡଳ ଜନମଙ୍ଗଳ ଅଧିକାରିଣୀ ତାପସୀ ପ୍ରିୟଦର୍ଶିନୀ, ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରଚନ୍ଦ୍ର ସୁବୁଦ୍ଧି ଓ ରଜନୀକାନ୍ତ ପୃଷ୍ଟି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାର୍ଥୀ ପ୍ରତିଭାମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଶ୍ମିତା ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ରଶ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ପ୍ରଭାତ କୁମାର ମହାପାତ୍ର, ମିନତି ମହାପାତ୍ର, ମୀନା ଦେଇ, ସବିତା ପ୍ରଧାନ, କବିରାଜ ବେହେରା ଓ ଶଶୀକାନ୍ତ ଖଟୁଆଙ୍କ ସମେତ ପରିଚାଳନା କମିଟିର ସଭ୍ୟାସଭ୍ୟ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରାଛାତ୍ରୀମାନେ।

# ତହସିଲଦାର, କର୍ମଚାରୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗ୍ରାମବାସୀଙ୍କ ଧାରଣା

**ଖୋର୍ଦ୍ଧା,୧୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପବୁସାହି ଓ ବରସାହି ପଞ୍ଚାୟତର ଏକାଧିକ ବାସିନ୍ଦା ତହସିଲଦାରଙ୍କ ବିରୋଧରେ ଦୁର୍ନୀତି, ସରକାରୀ କାର୍ଯ୍ୟରେ ଅନିୟମିତତା, ଲୋକଙ୍କୁ ଦୁର୍ବ୍ୟବହାର ଏବଂ ତହସିଲ କର୍ମଚାରୀଙ୍କ ଜନତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ଅସହଯୋଗ ମନୋଭାବ, ଅର୍ଥ ଦାବି ଆଦି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏନେଇ ସେମାନେ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦେଇଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସଂପୃକ୍ତ ତହସିଲଦାର ବିଭିନ୍ନ ସରକାରୀ କାର୍ଯ୍ୟରେ ଦୁର୍ନୀତିରେ ଲିପ୍ତ ରହିଛନ୍ତି। କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହି ତହସିଲ କାର୍ଯ୍ୟାଳୟ ଦୁର୍ନୀତିରେ ବୁଡ଼ିଛି। ଏଠାରେ ବିନା ଲାଞ୍ଚରେ କୌଣସି ଫାଇଲ କାର୍ଯ୍ୟକାରୀ ହେଉନାହିଁ। ଏନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁନାହାନ୍ତି। ଅପରାହ୍ନ ୧ଟା ପରେ ଟେବୁଲ ଚେୟାର ଫାଙ୍କା ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଲିନା ନାୟକ, ଜେପା ଜେନା, ରଶ୍ମିତା ଦଳେଇ, ସୁଲୋଚନା ନାୟକ, ବାବନା ନାୟକ, ବାସନ୍ତି ପ୍ରଧାନ, ରେଖା ନାଏକଙ୍କ ସମେତ ବହୁ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗର ତଦନ୍ତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ତହସିଲଦାର ବିଭାସ ପାଣିଗ୍ରାହୀ ଖଣ୍ଡନ କରିଛନ୍ତି। ଅଭିଯୋଗ ଭିତ୍ତିହୀନ ଏବଂ କୌଣସି କର୍ମଚାରୀଙ୍କ ବିରୋଧରେ ଲାଞ୍ଚ ନେବା ଅଭିଯୋଗ ଆସିଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଉଛନ୍ତି।

**ଶ୍ରମିକ ନେତା ବନମାଳୀ ଦାସଙ୍କ ଜୟନ୍ତୀ**

ଚୌଦ୍ୱାର,(ଆଶୁତୋଷ ଦାସ): ବିଶିଷ୍ଟ ଶ୍ରମିକ ନେତା ତଥା ଚୌଦ୍ୱାର ସାହିତ୍ୟ ସଂସଦ ପୂର୍ବତନ ସଭାପତି ସ୍ୱର୍ଗତ ବନମାଳୀ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ବନମାଳୀ ଷ୍ଟେର ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଆଇନଜୀବୀ ଆକାଶ କୁମାର ଭୂୟାଁ, ଜ୍ଞାନେନ୍ଦ୍ର ସ୍ୱାଇଁ, ଶରତ କୁମାର ଖୁଣ୍ଟିଆ ପ୍ରମୁଖ ସ୍ୱର୍ଗତ ଦାସଙ୍କ କର୍ମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କୈଳାସ ଚନ୍ଦ୍ର ସାହାଣୀ, ଭାଗବତ ରାଉତ, ଅକ୍ଷୟ ମିଶ୍ର, ଅକ୍ଷୟ ଭୂୟାଁ, ଗଙ୍ଗାଧର ସାହୁ, ନରୋତ୍ତମ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଟଣାଓଟରା କରି ଯୁବକ ଗିରଫ

କଟକ,୧୮।୩(କାର୍ତ୍ତିକ ସାହୁ)

କଲେଜ ଛାତ୍ରୀଙ୍କୁ ରାସ୍ତାରେ ଟଣାଓଟରା କରିବା ଅଭିଯୋଗରେ ସିଡିଏ ଫେଜ-୨ ଥାନା ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଚୌଦ୍ୱାର ଥାନା ମଞ୍ଜେଶ୍ୱରର ଅରବିନ୍ଦ ବେହେରା(୨୪)। ତେବେ ପୂର୍ବ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଯୁବକ ଏଭଳି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଅରବିନ୍ଦ ନିଜ ଗାଁରେ ଜଣେ ନାବାଳିକାଙ୍କୁ ୫ ବର୍ଷ ତଳେ ଭଲ ପାଉଥିଲେ। ତାଙ୍କ ପ୍ରେମ ସମ୍ପର୍କକୁ ନାବାଳିକାଙ୍କ ଘର ଲୋକେ ବିରୋଧ କରିଥିଲେ। ପରେ ସେମାନେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ସେହି ନାବାଳିକା ଏବେ ସାବାଳିକା ହେବା ସହ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ। ୧୭ ତାରିଖରେ ପ୍ରାୟ ୧୨ଟା ବେଳେ ଯୁବତୀ ଟାଉନ ବସ୍‌ରେ ବାଦାମବାଡ଼ିରୁ ଆସି ସିଡିଏ ଜଷ୍ଟିସ ଗଡ଼ାରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ଅରବିନ୍ଦ ଟଣାଭିଡ଼ା କରିବା ସହିତ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏହାକୁ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

### ୨ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ

କଟକ ସଦର,୧୮।୩(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ କନ୍ଦରପୁର ବିଦ୍ୟୁତ୍ ସେକ୍ସନରେ ବିଭିନ୍ନ ମାମଲାର ଶୁଣାଣି କରାଯାଇ ୨ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ ଅଦାଲତରେ ବେଆଇନ ବିଦ୍ୟୁତ୍ ବ୍ୟବହାର ପାଇଁ ହୋଇଥିବା ଜରିମାନା ଉପରେ ଶୁଣାଣି ହୋଇ ୫୦ ପ୍ରତିଶତ ରିହାତି ଦିଆଯାଇ ମାମଲାର ଫଇସଲା କରାଯାଇଥିଲା। ଅଦାଲତ ପରିଚାଳନାରେ ସହକାରୀ ଯନ୍ତ୍ରୀ ତୁଳସୀ ଚରଣ ଦାସ ଓ କନିଷ୍ଠ ଯନ୍ତ୍ରୀ (ବାଣିଜ୍ୟ) ସାଧୁ ଚରଣ ପଣ୍ଡା ସହଯୋଗ କରିଥିଲେ। ପରମହଂସ, ଆୟଉପୁର ଓ ବିରିବାଟି କ୍ୟାମ୍ପ ଅଞ୍ଚଳର ଅଧିକ ମାମଲା ବିଚାର କରାଯାଇଥିଲା।

### ସ୍ୱାଗତିକା ବୃଦ୍ଧାଶ୍ରମର ବାର୍ଷିକୋତ୍ସବ

ଚୌଦ୍ୱାର,୧୮।୩(ଆଶୁତୋଷ ଦାସ)

ସ୍ୱାଗତିକା ଫାଉଣ୍ଡେଶନ୍ ଦ୍ୱାରା ପରିଚାଳିତ ଧୂମାବତୀ କଲୋନୀସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଅଧକ୍ଷ ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ୧୮ଟି ଭାଗବତ ଟୁଙ୍ଗୀର ପ୍ରତିନିଧିମାନେ ଯୋଗଦେଇ ଭାଗବତ ଆଲୋଚନା ଓ ନାମ ସଂକୀର୍ତ୍ତନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଦେବେନ୍ଦ୍ର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସୁଲିପ୍ତ କୁମାର ମହାନ୍ତି, ପର୍ଶୁରାମ ରାଉତ, କେ.ସି.ପ୍ରତାପସିଂହ, ରଞ୍ଜନ ବିଶ୍ୱାଳ, ମଧୁସୂଦନ ସାହୁ, କାର୍ଯ୍ୟକାରୀ ସଭାପତି ହୃଷୀକେଶ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଶ୍ରମ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳକ ଜୟନ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ୮୪ ଲିଟର ଦେଶୀମଦ ଜବତ, ୩ ଗିରଫ

ମଙ୍ଗୁଳି-ଜଗତପୁର,୧୮।୩(ମାନସ ସାମଲ)

ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ୩ଜଣଙ୍କୁ ଚୌଦ୍ୱାର ଅବକାରୀ ବିଭାଗ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନିମାପଡ଼ା ଗ୍ରାମର ବିରଞ୍ଚି ସେଠୀ, ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ଗ୍ରାମର ଲଙ୍ଗୁଳି ସାମଲ ଓ ନିର୍ଗୁଣ୍ଡି ଗ୍ରାମର ଗଗନ ବିହାରୀ ରାଉତ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୮୪ ଲିଟର ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଦୋକାନରେ ଯାଞ୍ଚ କରି ଦେଶୀମଦ ଜବତ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୩ଟି ପୃଥକ ମାମଲା ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନୀଲ ବଲ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ।

# ‘ଜୁନ୍ ୩୦ ସୁଦ୍ଧା କ୍ଲିନିକାଲ କୋଠା କାର୍ଯ୍ୟକାରୀ ହେବ’

କଟକ,୧୮।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ**

ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର କଟକ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭାଗୀୟ ଶାସନ ସଚିବ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି)ର ଏମ୍‌ଡି ଓ କାର୍ଯ୍ୟରେ ନିୟୋଜିତ ଥିବା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି, ସମୀକ୍ଷା ବୈଠକରେ ଯାହା ଆଲୋଚନା କରାଯାଇଥିଲା, ସେ ଅନୁଯାୟୀ ଏବେ କାର୍ଯ୍ୟ କରାଯାଉଛି। ଏବେ କ୍ଲିନିକାଲ ଟାୱାର ୧ ଓ ୪ ନଂ.ର କାମ ଶେଷ ହୋଇଛି। ଏହାସହ ୨ ଓ ୩ ନଂ. ଟାୱାର କାମ ଚାଲିଛି। ଜୁନ ୩୦ ସୁଦ୍ଧା ଏହି ଚରୋଟି କୋଠାକୁ କାର୍ଯ୍ୟକାରୀ କରାଯିବାକୁ ଯୋଜନା କରାଯାଇଛି। ଲିଫ୍ଟ ସେବା ଓ ମୁଖ୍ୟତଃ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଏହି କୋଠାରେ ଗୁରୁତ୍ୱ ଦିଆଯାଇଛି। ରୋଗୀ ସେବା ଯେପରି ବ୍ୟାହତ ନ ହୁଏ ସେନେଇ ଅଧିକ ନଜର ଦିଆଯାଉଛି। ଅନ୍ୟପଟେ ଏସ୍‌ସିବିର ଟ୍ରମା ଆଇସିୟୁର ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଦନ୍ତ କରିଛି, ସରକାର ଏ ବିଷୟରେ ଅବଗତ ଅଛନ୍ତି। ମେଡିକାଲର କୋଠାଗୁଡ଼ିକ ୬୦ ବର୍ଷର ପୁରୁଣା। ଯଥାଶୀଘ୍ର ନୂଆ କୋଠା କାର୍ଯ୍ୟ ଶେଷ ହେଲେ ହିଁ ପୁରୁଣା କୋଠାଗୁଡ଼ିକ ପୁନଃ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ‘ଅନୁବାଦ ଏକ ସ୍ୱତନ୍ତ୍ର ସାରସ୍ୱତ କଳା’


ଛବିରାଣୀ ପତିଙ୍କ ଦୁଇଟି ଅନୁବାଦ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୧୮।୩(କାର୍ତ୍ତିକ ସାହୁ)

ଅନୁବାଦ ଏକ ସ୍ୱତନ୍ତ୍ର ସାରସ୍ୱତ କଳା। ଭାବର ଅବିକଳ ପ୍ରତିଫଳନ ହିଁ ସଫଳ ଅନୁବାଦ ସାହିତ୍ୟ। ଅନୁବାଦ ଦ୍ୱାରା ସାହିତ୍ୟ ଅଧିକ ପ୍ରସାରିତ ହୁଏ। ସାରଳା ଭବନରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଛବିରାଣୀ ପତିଙ୍କ ଦୁଇଟି ଅନୁବାଦ ପୁସ୍ତକର ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଅନୁବାଦ ପୁସ୍ତକଦ୍ୱୟ ହେଲା ‘ଅମୃତାପ୍ରିତମଙ୍କ ପ୍ରିୟ କାହାଣୀ’ ଓ ‘ଆଉ ଏକ ଦେବଦାସ’। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ, ବରେଣ୍ୟ ଅତିଥି ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ ଓ ମୁଖ୍ୟବକ୍ତା ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ ଅନୁବାଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନୁବାଦିକା ଛବିରାଣୀ ପତି ଓ ପ୍ରକାଶକ ତାରିଣୀ ପ୍ରସାଦ ମହାନ୍ତି ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କଳାକାର ଗୁରୁପ୍ରସାଦ ରଥ ବେଦପାଠ, ଶିକ୍ଷାବିତ୍ କ୍ଷୀରୋଦ କୁମାର ସାହୁ ସ୍ୱାଗତ ଭାଷଣ ଓ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଲେଖକ ପ୍ରମୋଦ ଦାଶ ଧନ୍ୟବାଦ ଦେଇଥିଲେ। ସୁରେଶ ଦାଶ, ନିରଞ୍ଜନ ପତି, ପୀତାମ୍ବର ମହାପାତ୍ର, ବ୍ରହ୍ମାନନ୍ଦ ମହାନ୍ତି, ହେମନ୍ତ କୁମାର ନାୟକ, ବୈଜୟନ୍ତିମାଳା ଶତପଥୀ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନଦୀ ଟାପୁରେ ଆରମ୍ଭ ହେଲା ନିର୍ମାଣ, ନିୟମ ମାନିଲେନି ବିଡିଓ

କଟକ ସଦର,୧୮।୩(ସୁଶାନ୍ତ କୁମାର ଜେନା)

କଟକ ସଦର ତହସିଲ ଅନ୍ତର୍ଗତ ଚାନ୍ଦୁଲି ମୌଜା କାଠଯୋଡି ଓ ସିଡୁଆ ନଦୀ ସଙ୍ଗମସ୍ଥଳରେ ବଳି ବାମନ ପୀଠ ଟାପୁରେ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜସ୍ୱ ବିଭାଗ ରେକର୍ଡରେ ଏହି ସ୍ଥାନ ନଦୀ କିସମ ରହିଛି। ଏଠାରେ ସ୍ଥାୟୀ ନିର୍ମାଣ ପାଇଁ ବିଡିଓଙ୍କ ଦ୍ୱାରା ପରିବେଶ ଓ ଜଳସେଚନ ବିଭାଗର ଅନୁମତି ନିଆଯାଇ ନ ଥିବା ବିଶ୍ୱ ଗୋ ସୁରକ୍ଷା ବାହିନୀର ରାଜ୍ୟ ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡା ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କଟକ ସଦର ତହସିଲ ଅନ୍ତର୍ଗତ ଚାନ୍ଦୁଲି ମୌଜା ଖାତା ନଂ. ୩୧୫, ପ୍ଲଟ ନଂ. ୧୪୭୧ କିସମ ଆବାଦ ଅଯୋଗ୍ୟ ନଦୀ କିସମ ଉପରେ ଏହା ନିର୍ମାଣ ଚାଲିଛି। କଟକ ସଦର ବିଡିଓ ପ୍ରତୀକ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ ଓ ସହକାରୀ ଯନ୍ତ୍ରୀ ସମତା ଦେବତା ପ୍ରତ୍ୟେକ ଦିନ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ସ୍ଥାୟୀ ନିର୍ମାଣ ପାଇଁ ଅନୁମତି କିଏ ଦେଲା ତାର ଉତ୍ତର କାହାପାଖରେ ନାହିଁ। ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନିଆଯାଇନାହିଁ ବୋଲି ପତ୍ର ସଂଖ୍ୟା ୨୨୪୩/୧୮।୭।୨୦୨୫ରେ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ବିଡିଓ ସାହୁ ମଧ୍ୟ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ତେଣୁ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକତା ରହିଛି। ବିଡିଓଙ୍କୁ ପଚାରି ଟାପୁ ଉପର ନିର୍ମାଣ ସମ୍ପର୍କରେ ଯାହାକିଛି କହିପାରିବି ବୋଲି କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସଫେଇ ଦେଇଛନ୍ତି। ପ୍ରଶାସନ ଏହା ଉପରେ ପଦକ୍ଷେପ ଗ୍ରହଣ ନ କଲେ ଏନ୍‌ଜିଟିରେ ମାମଲା ରୁଜୁ ପାଇଁ ପଦକ୍ଷେପ ନିଆଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଜିତ୍


@ ଈପ୍ସିତା


@ କାଜଲ


@ ପ୍ରଭାତୀ


@ ପ୍ରିୟଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ରୁ ମା’ଧାକୁଲେଈଙ୍କ ବାଣଯାତ୍ରା



ବୈଠକରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଫୁଲନଖରା,୧୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀଠାରେ ଥିବା ମା’ଧାକୁଲେଈଙ୍କ ପ୍ରସିଦ୍ଧ ବାଣଯାତ୍ରା ଏପ୍ରିଲ ୨ରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ମା’ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ମା’ଧାକୁଲେଈଙ୍କ ପୀଠ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, କଟକ ଅତିରିକ୍ତ ଡିସିପି ରଣଜିତ ପୃଷ୍ଟି, ଜୋନ ୪ ଏସିପି ଅମିତାଭ ମହାପାତ୍ର, ଆଇଆଇସି ତୁଷାରକାନ୍ତ ସେଠୀ, ୪୮ମଣ୍ଡଳ ମହନ୍ତ ବନମାଳୀ ଦାସ, କର୍ପୋରେଟର ମମତା ମହାନ୍ତି ଓ ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଲେଙ୍କା ପ୍ରମୁଖ ଯୋଗଦେଇ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପରିମଳ, ଟ୍ରାଫିକ ପରିଚାଳନା, ଆଲୋକ, ପାନୀୟ ଜଳ, ବିଦ୍ୟୁତ୍ ଓ ପାର୍କିଂ ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ କମିଟି ସହ ସମ୍ପାଦକ ବାଦଲ କୁମାର ଜେନା, କୌଶିକ ଜେନା, ଆଇନଜୀବୀ ବିଶ୍ୱନାଥ ବେଉରା ଓ ବିକ୍ରମ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମେଳା ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅରୁଣ କୁମାର ରାଉତ, ରଣଜିତ ସ୍ୱାଇଁ ଓ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ଓ ଗ୍ରାମ୍ୟ କମିଟି କାର୍ଯ୍ୟକର୍ତ୍ତା ଓ ମୁରବି ଯୋଗଦେଇଥିଲେ।

# ବ୍ରଜବନ୍ଧୁ ପରିଡ଼ାଙ୍କ ସ୍ମୃତି ସଭା

କଟକ,୧୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ବ୍ରଜବନ୍ଧୁ ପରିଡା ସ୍ମୃତି କମିଟି ଭାରତୀୟ ଜନତା ପାର୍ଟି କଟକ ପକ୍ଷରୁ କଟକ ଟାଉନହଲଠାରେ ବ୍ରଜବନ୍ଧୁ ପରିଡା(ମୁନା ଭାଇ)ଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ପ୍ରବକ୍ତା ସଜନ କୁମାର ଶର୍ମା, ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ସଂଘର ବରିଷ୍ଠ ପଦାଧିକାରୀ ଚିତ୍ତରଞ୍ଜନ ମହାନ୍ତି, ସର୍ବେଶ୍ୱର ବେହେରା, ୨୫ ଦିଗଭାଗ ଅଧିକାରୀ ସୁରେଶ କୁମାର ସାହୁ, ଦେବାଶିଷ ରାଏ, ପୂର୍ବତନ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇଥିଲେ। ଦଳ ପାଇଁ ଦୀର୍ଘ ବର୍ଷ ହେବ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଶେଷରେ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ରାଜ୍ୟ ଏସି ମୋର୍ଚ୍ଚାର ସଦସ୍ୟ ଧୀରେନ କୁମାର ସେଠୀ, ମଣ୍ଡଳ ସଭାପତି ମିଳନ ରାଉତରାୟ, ବିଜୟ କୁମାର ନାୟକ, ବୁଢା ଦଳେଇ, ମୁନା ସାହୁ, କଟକ ନଗର ଜିଲା ମହିଳା ସଭାନେତ୍ରୀ ପ୍ରବୀଣା ମହାପାତ୍ର, ସଂଯୁକ୍ତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ାବାବା ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




କଟକ,୧୮।୩(କାର୍ତ୍ତିକ ସାହୁ)

ଯୋବ୍ରା ଲକ୍ଷ୍ମୀବଜାରସ୍ଥିତ ବୁଢ଼ାବାବା ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ପ୍ରତିଷ୍ଠାତା ତଥା ସର୍ଜରି ବିଶେଷଜ୍ଞ ଡାକ୍ତର ଉମେଶ ରାୟଙ୍କ ତତ୍ତ୍ୱାବଧାନରେ ଜଗତପୁରସ୍ଥିତ ଇଣ୍ଡସିଣ୍ଡ ବ୍ୟାଙ୍କ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ନେବା ସହ ବିଭିନ୍ନ ପରୀକ୍ଷା ବିନା ମୂଲ୍ୟରେ କରାଇଥିଲେ। ବ୍ୟାଙ୍କ ଅଧିକାରୀ ସୌମେନ କୁମାର ଦାସ, ଡାକ୍ତର ବିଜୟ କୁମାର ପୃଷ୍ଟି, ସତ୍ୟବ୍ରତ ଦାସ, ସୋନାଲି ମହାରଣା, ଶୁଭଲକ୍ଷ୍ମୀ ମଠ ପ୍ରମୁଖ ଉପସ୍ଥିତ ଥିଲେ। ନିଃଶୁଳ୍କ ସେବା କାର୍ଯ୍ୟ ଆଗାମୀ ଦିନରେ ସହରର ବିଭିନ୍ନ ପ୍ରାନ୍ତରେ କରାଯିବ ବୋଲି ହସ୍‌ପିଟାଲର ପ୍ରତିଷ୍ଠାତା ଡାକ୍ତର ରାୟ କହିଛନ୍ତି।

### ଚୌଦ୍ୱାର ମହାବିଦ୍ୟାଳୟର ମୁଖପତ୍ର ‘ସୁଦେଷ୍ଣା’ ଉନ୍ମୋଚିତ

ଚୌଦ୍ୱାର,୧୮।୩(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟର ମୁଖପତ୍ର ‘ସୁଦେଷ୍ଣା’ର ଉନ୍ମୋଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ତଥା କବି ମୋହିତ ଚକ୍ରବର୍ତ୍ତୀ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ , ଅମୀୟ ରଞ୍ଜନ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଡ. ପ୍ରଫୁଲ୍ଲ କୁମାର ସାହୁ, ଶିଳ୍ପାଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ମୁଖପତ୍ର ସୁଦେଷ୍ଣା ଉନ୍ମୋଚନ କରିବା ସହିତ ନବ ପ୍ରସ୍ତୁତ କ୍ୟାଲେଣ୍ଡରର ଉନ୍ମୋଚନ କରିଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ସୁମନ୍ତ କୁମାର ସାହୁ, ସଂଗ୍ରାମ ବିହାରୀ, ଲକ୍ଷ୍ମଣ କରଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ବନୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ରେ ପାଳନ ହେବ ପଖାଳ ଦିବସ

- ଜିଆଇ ଟ୍ୟାଗ ମାନ୍ୟତା ଦାବି: ମେୟର ସୁବାସ
- ବେଇମାନି କରିଥିବା ବିଧାୟକଙ୍କ ଦଳରେ ସ୍ଥାନ ନାହିଁ

କଟକ,୧୮।୩(ଶିଳ୍ପା ପ୍ରିୟଦର୍ଶିନୀ)



ଓଡ଼ିଶାର କଳା, ସଂସ୍କୃତିକୁ ଆଗକୁ ନେବାକୁ ସର୍ବଦା ଚେଷ୍ଟା କରି ଆସୁଥିବାବେଳେ ଓଡ଼ିଆଙ୍କ ପ୍ରିୟ ପଖାଳକୁ ମଧ୍ୟ ବିଶ୍ୱରେ ପରିଚିତ କରିବାକୁ ପ୍ରୟାସ କରାଯାଉଛି। ଯେପରି ଏହାକୁ ଜିଆଇ ଟ୍ୟାଗ ପ୍ରଦାନ କରାଯିବା ନେଇ ଚଳିତବର୍ଷ ମାର୍ଚ୍ଚ ୨୦ରେ ପଖାଳ ଦିବସକୁ ଧୁମଧାମରେ ପାଳନ କରାଯିବ। କଟକ ମେୟରଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟରେ କଟକ ମହାନଗର ପୂଜା କମିଟି, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀଙ୍କୁ ଏଠାରେ ଏକଜୁଟ୍ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ କହିଛନ୍ତି। ଏହାସହ ଖବରଦାତାଙ୍କ ପ୍ରଶ୍ନରେ ମେୟର ସୁବାସ ରାଜ୍ୟ ସଭା ନିର୍ବାଚନରେ କ୍ରସ୍‌ଭୋଟିଂ ପ୍ରସଙ୍ଗରେ କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଏକ ବଡ଼ ଭୁଲ। ନବୀନ ପଟ୍ଟନାୟକଙ୍କ ସହ ବିଶ୍ୱାସଘାତକତା କରାଯାଇଛି। ଦଳରେ ଶୃଙ୍ଖଳା ନବୀନ ବାବୁ ସର୍ବଦା ଚାହାନ୍ତି। ଏହି ପ୍ରସଙ୍ଗରେ ସେ ସୋ କଜ୍ ମଧ୍ୟ ମାଗିଛନ୍ତି। ବିଜେଡି ସର୍ବଦା ଆଗରେ ରହିଛି। ନବୀନଙ୍କ ଲୋକପ୍ରିୟତା ରହି ଆସିଛି। ଦଳ ପ୍ରତି ବେଇମାନି କରିଥିବା ବିଧାୟକଙ୍କ ପାଇଁ ଦଳରେ କୌଣସି ସ୍ଥାନନାହିଁ। ଅନ୍ୟପଟେ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ସେ କହିଛନ୍ତି, ରାଜ୍ୟ ସରକାର କେଠୋର ପଦକ୍ଷେପ ଗ୍ରହଣ କରନ୍ତୁ। ଅତୀତରେ ଏକ ଘରୋଇ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ନବୀନ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ଏଥିରେ ଫେଲ ମାରିଛି। ଏପରିକି ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ଘଟଣା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି ହେଉଥିଲେ ମଧ୍ୟ କେବଳ ବିଚାର ବିଭାଗୀୟ ତଦନ୍ତ ହେବ କହି ସରକାର ନୀରବଦ୍ରଷ୍ଟା ପାଲଟିଛନ୍ତି, ତେଣୁ ବର୍ତ୍ତମାନର ସରକାର କଠୋର ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

